## ବୀରଙ୍କୁ ସ୍ମୃତିଚାରଣ କଲେ ନେତା ଓ ମନ୍ତ୍ରୀ

# ‘ବୀରଙ୍କ ପ୍ରତି ସରକାର ସ୍ୱତନ୍ତ୍ର ଦୃଷ୍ଟି ଦିଅନ୍ତୁ’

**ରେଙ୍ଗାଲି, ୨୩।୧(ସମିସ)**

ବୀର ସୁରେନ୍ଦ୍ର ସାଏ ଅମର ରହେ। ଏହି ନାରାରେ ପ୍ରକମ୍ପିତ ହୋଇଥିଲା ବୀର ଭୂମି ଖିଣ୍ଡା। ମଙ୍ଗଳବାର ରେଙ୍ଗାଲି ବ୍ଲକ ବୀର ଭୂମି ଖିଣ୍ଡାରେ ବୀର ସୁରେନ୍ଦ୍ର ସାଏଙ୍କ ୨୧୬ତମ ଜୟନ୍ତୀ ପାଳନ କରାଯାଇଛି। ବୀର ସୁରେନ୍ଦ୍ର ସାଏ ସ୍ମୃତି ସାଂସଦ ପକ୍ଷରୁ ଏହି ଜନ୍ମ ଜୟନ୍ତୀ ପାଳନ କରାଯାଇଛି। ଜୟନ୍ତୀ ଉତ୍ସବରେ ଜଳ ସମ୍ପଦ ଏବଂ ପରିବହନ ମନ୍ତ୍ରୀ ଟୁକୁନି ସାହୁ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଖିଣ୍ଡା ଗ୍ରାମକୁ ଯାଇ ବୀର ସୁରେନ୍ଦ୍ର ସାଏଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରଥମେ ବୀର ସୁରେନ୍ଦ୍ର ସାଏ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ଏକ ମଶାଲ ଯାତ୍ରାରେ ଆସି ବୀରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ କୋଶଳ କ୍ରାନ୍ତି ଦଳ ପକ୍ଷରୁ ସମ୍ବଲପୁର ସମଲେଶ୍ୱରୀ ମନ୍ଦିରରୁ ଏକ ମଶାଲ ଯାତ୍ରାରେ ବୀର ଭୂମି ଖିଣ୍ଡା ପର୍ଯ୍ୟନ୍ତ ଆସିଥିଲା। ସୁରେନ୍ଦ୍ର ସାଏ ସ୍ମୃତି ସଂସଦ କାର୍ଯ୍ୟକାରୀ ସଭାପତି ପିତାମ୍ବର ବିଶ୍ୱାଳଙ୍କ ଉଦ୍ୟମରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବୀର ସୁରେନ୍ଦ୍ର ସାଏ ଭାରତ ସ୍ୱାଧିନତା ସଂଗ୍ରାମର ପ୍ରଥମ ପୁରୋଧା ହଜାରିବାଗ ଜେଲରେ ବନ୍ଦୀ ହୋଇ ରହିଲେ। ୧୮୫୭ ସିପାହୀ ବିଦ୍ରୋହ ବେଳେ ସୁରେନ୍ଦ୍ର ସାଏ ଭାଇ ଉଦନଙ୍କ ସହ ଜେଲରୁ ଖସି ଆସି ଜନ୍ମଭୂମିରେ ପହଞ୍ଚିବା ପରେ ପ୍ରଭାବଶାଳୀ ଗୌନ୍ତିଆଙ୍କ ଠାରୁ ଆରମ୍ଭ କରି ଗୋଣ୍ଡ ଓ କୋଲହ ଆଦିବାସୀ ସମ୍ପ୍ରଦାୟର ହଜାର ହଜାର ଲୋକ ଜମା ହୋଇ ସେମାନଙ୍କୁ ସମର୍ଥନ ଜଣାଇଥିଲେ। ସେଠାରୁ ଆରମ୍ଭ ହୋଇଥିଲା ବ୍ରିଟିଶ ଶାସକଙ୍କ ବିରୁଦ୍ଧରେ ସୁରେନ୍ଦ୍ର ସାଏଙ୍କ ମହାସଂଗ୍ରାମ। ସେତେବେଳେ ଦେଶରୁ ଇଂରେଜମାନଙ୍କୁ ତଡ଼ିବା ପାଇଁ ଚାଲିଥିଲା ଘମାଘୋଟ ଆନ୍ଦୋଳନ। ସମ୍ବଲପୁରରେ ମଧ୍ୟ ପଡ଼ିଥିଲା ତାହାର ପ୍ରଭାବ। ଇତିହାସର ସେଇ ଘଡିସନ୍ଧି ମୁହୂର୍ତ୍ତରେ ସୁରେନ୍ଦ୍ର ସାଏଙ୍କ ଆବିର୍ଭାବ ସ୍ଥାନୀୟ ଜନତାଙ୍କ ମନରେ ସୃଷ୍ଟି କଲା ଅପୂର୍ବ ଉନ୍ମାଦନା। ତହିଁରେ ଉଦ୍‌ବୁଦ୍ଧ ହୋଇ ସୁରେନ୍ଦ୍ର ସାଏ ଜେଲ ଯିବା ସମୟରେ ବାଲୁତ ଥିବା ତାଙ୍କର ପୁତ୍ର ମିତ୍ରଭାନୁ ସାଏ ମଧ୍ୟ ମାତ୍ର ଅଠର ବର୍ଷ ବୟସରେ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ ଓ ଶେଷ ପର୍ଯ୍ୟନ୍ତ ତାଙ୍କ ସହ ରହିଥିଲେ। କ୍ରମେ ସୁରେନ୍ଦ୍ର ସାଏ ଆରମ୍ଭ କଲେ ସଶସ୍ତ୍ର ବିପ୍ଳବ। ସମ୍ବଲପୁରର ନଦୀନାଳ, ବଣଜଙ୍ଗଲ ଓ ପାହାଡ଼ ଘାଟି ସହ ପରିଚିତ ସୁରେନ୍ଦ୍ର ସାଏ ବ୍ରିଟିଶ ସେନାବାହିନୀକୁ ବିଚକ୍ଷଣ ଯୁଦ୍ଧ ଯୋଜନା ଦ୍ୱାରା ଆକ୍ରାନ୍ତ କରିଥିଲେ।



### • ଜୟନ୍ତୀ ସମୟରେ ପ୍ରତିଶ୍ରୁତିର ବର୍ଷା ହୁଏ
### • ଏବେବି ଅବହେଳିତ ହୋଇପଡ଼ିଛି ଖିଣ୍ଡା

ଅନ୍ୟମାନଙ୍କ ମଧ୍ୟରେ ରେଢାକୋଲ ବିଧାୟକ ରୋହିତ ପୂଜାରୀ, ଭଟଲି ବିଧାୟକ ସୁଶାନ୍ତ ସିଂହ, ରେଙ୍ଗାଲି ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ସୌଭାଗ୍ୟ ନାୟକ, ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାୟକ, ଯୁବ ବିଜେଡି ନେତା ବିଶାଳ ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଇଂ ଗାନ୍ଧୀ ବେହେରା, ଜିତେନ୍ଦ୍ର ପ୍ରସାଦ ପଣ୍ଡା, ରେଙ୍ଗାଲି ଜୋନ-୧ ଜିଲ୍ଲାପରିଷଦ ସଭ୍ୟା ଚୋଳଶ୍ରୀ ମହାନନ୍ଦ, ବ୍ରଜାଜନଗର ପୂର୍ବତନ ବିଧାୟକ ଅନୁପ ସାଏ, ରିନା ତନ୍ତୀ, ମୋନିକା ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମରେ ଡ଼. ଗୌରୀଦାସ ପଧାନ ମଞ୍ଚ ପରିଚାଳନା କରିଥିବା ବେଳେ ରେଙ୍ଗାଲି ବ୍ଲକ ଅଧ୍ୟକ୍ଷ ସତ୍ୟନାରାୟଣ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ। ରେଙ୍ଗାଲି ବିଧାୟକ ନାଉରି ନାୟକ, ଯୁବନେତା ଉତ୍ତମ କୁମାର ବିଶ୍ୱାଳ, ଅବନ୍ତୀ ନାୟକ ଥିଲେ। କେବଳ ତାଙ୍କର ଜନ୍ମ ତିଥିରେ ସରକାରଙ୍କୁ ତାଙ୍କ କଥା ମନେପଡ଼େ। ତାଙ୍କର ଜନ୍ମ ପୀଠ ଖିଣ୍ଡା ଗ୍ରାମ ବହୁ ଅବହେଳିତ। ରାଜ୍ୟ, କେନ୍ଦ୍ରରୁ ବହୁ ନେତା ମନ୍ତ୍ରୀ ଆସି ବହୁ ପ୍ରତିଶ୍ରୁତି ଦେଇ ଚାଲିଯାଇଛନ୍ତି। କିନ୍ତୁ ଜନ୍ମପୀଠ ସେମିତି ଅବହେଳିତ ରହିଛି। ତାଙ୍କ ସ୍ମୃତିରେ ୧୯୯୪ ମସିହାରେ ନିର୍ମିତ ସ୍ମୃତିସ୍ତମ୍ଭ ରକ୍ଷଣାବେକ୍ଷଣ ଅଭାବରୁ ଭାଙ୍ଗିବସିଲାଣି। କିନ୍ତୁ ନେତା ମନ୍ତ୍ରୀଙ୍କୁ ତାହା ଦେଖାଯାଉ ନାହିଁ। ଗୋଟିଏ ଦିନ ମନେ ପକାଇ ଦେଇ ବୀରଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଦେଲେ ହେବ ନାହିଁ। ଇତିହାସକୁ ଗଲେ ସମ୍ବଲପୁର ବିପ୍ଳବକୁ ଦମନ କରିବା ପାଇଁ ମେଜର ଓସଲେଙ୍କ ନେତୃତ୍ୱରେ ବ୍ରିଟିସ୍ ବାହିନୀ ବୁଢାରଜା ନିକଟରେ ଆକ୍ରମଣ କରି ସୁରେନ୍ଦ୍ର ସାଏ, ତାଙ୍କ କକା ବଳରାମ ସାଏ ଓ ଭାଇ ଉଦନ୍ତ ସାଏଙ୍କୁ ବନ୍ଦୀ କଲେ। ୧୮୪୦ରୁ ୧୮୫୭ ପର୍ଯ୍ୟନ୍ତ ସେମାନେ

---

## ପ୍ରଶାସନର ଠିକାଦାର ପୋଷଣ ପ୍ରୀତି

# କାମରେ ଆସୁନି ବର୍ଜ୍ୟବସ୍ତୁ ପରିଚାଳନା ଗୃହ

**ନାକଟିଦେଉଳ, ୨୩।୧(ସମିସ):** ଗାଁ କୁ ସ୍ୱଚ୍ଛ ରଖିବା ପାଇଁ ଲକ୍ଷାଧିକ ଟଙ୍କା ବିନିଯୋଗରେ ପ୍ରତ୍ୟେକ ପଞ୍ଚାୟତରେ ବର୍ଯ୍ୟବସ୍ତୁ ପରିଚାଳା ଗୃହ ନିର୍ମାଣ କରାଯାଇଛି। ହେଲେ ଏହି ଗୃହ ଏବେ ବ୍ୟବହୃତ ନହୋଇ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ପ୍ରକାଶଥାଉକି ୨୦୨୩-୨୪ ଆର୍ଥିକ ବର୍ଷରେ ଏସ୍‌ବିଏମ୍ (ଜି) ୧୫ କେନ୍ଦ୍ର ଅର୍ଥ କମିଶନ ଅନୁଦାନରୁ ଏହି ବର୍ଯ୍ୟବସ୍ତୁ ଗୃହ ନିର୍ମାଣ କରାଯାଇଛି ବୋଲି ସୂଚନା ଫଳକରେ ସୂଚନା ରହିଛି। ଏଠାରେ ଏକ ଶୌଚାଳୟ ଓ ଏକ କାର୍ଯ୍ୟାଳୟ ରହିଛି। ଗାଁ ଗୁଡ଼ିକର ବିଭିନ୍ନ ଅଳିଆ ଆବର୍ଜନା, ପ୍ଲାଷ୍ଟିକ, ଭଙ୍ଗା କାଚକୁ ଏଣେତେଣେ ନ ପକାଇ ଏହି ବର୍ଯ୍ୟବସ୍ତୁ ପରିଚାଳନା ଗୃହରେ ଗଦା କରାଯିବା ପାଇଁ ଏହି ଗୃହ ନିର୍ମାଣରେ ମୁଖ୍ୟ ଉଦ୍ଦେଶ୍ୟ। ଏହି ଶୌଚାଳୟରେ ଶୌଚ ହେବା ପାଇଁ ପାଣିର ବ୍ୟବସ୍ଥା ହୋଇନାହିଁ। ତେବେ ଏହି ଗୃହରେ ବର୍ଯ୍ୟବସ୍ତୁ ପକାଯିବା ତ ଦୂରର କଥା ଏହା ଏବେ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ସନ୍ଧ୍ୟା ହେଲେ ବୁଲା ଗୋରୁଗାଈଙ୍କ ଆଶ୍ରୟସ୍ଥଳୀ ଏବଂ ଅସାମାଜିକ ବ୍ୟକ୍ତିଙ୍କ ଆ‡ାସ୍ଥଳୀ ପାଲଟିଛି। ଏପଟେ ଏହି ଗୃହ ଗୁଡିକ ସଠିକ୍ ସ୍ଥାନ ଗୁଡିକରେ ନିର୍ମାଣ କରାଯାଇ ନଥିବାରୁ ଏହି ଗୃହ ଗୁଡିକ ଲୋକଙ୍କ ବ୍ୟବହାରରେ ଆସିପାରୁନାହିଁ। ପ୍ରଶାସନ ଓ ଠିକାଦାରଙ୍କ ପ୍ରିୟାପ୍ରୀତି ଯୋଗୁ ଏବେ ଏହି ଗୃହ ବେକାର ହୋଇପଡ଼ିଛି ବୋଲି ଜନସାଧାରଣ ଅଭିଯୋଗ କରିଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ଦାବି ହୋଇଛି।



---

# ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ରେଢ଼ାଖୋଲ, ୨୩।୧(ସମିସ):** ରେଢ଼ାଖୋଲ ବ୍ଲକ ଅନ୍ତର୍ଗତ ଭରତାପୁର ପଞ୍ଚାୟତ ରାମେଶ୍ୱର ବାବା ମନ୍ଦିର ପ୍ରାଙ୍ଗଣରେ ସୋମବାର ମହାବୀର ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଳନ ହୋଇଯାଇଛି। ଅଯୋଧ୍ୟାରେ ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମ ପ୍ରାଣ ପ୍ରତିଷ୍ଠା ଉତ୍ସବ ପାଳନ ଅବସରରେ ସମଗ୍ର ଭାରତବର୍ଷ ଉତ୍ସବମୁଖର ହୋଇଥିଲା। ଭରତାପୁରରେ ମଧ୍ୟ ଉତ୍ସବମୁଖର ହୋଇଥିଲା। ଭରତାପୁର ପଞ୍ଚାୟତ ରାମେଶ୍ୱର ବାବା ମନ୍ଦିର ପ୍ରାଙ୍ଗଣରେ ମହାବୀର ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବରେ କର୍ତ୍ତା ଭାବରେ ଦୁଃଖବନ୍ଧୁ ପ୍ରଧାନ ଦାୟିତ୍ୱ ତୁଲାଇଥିଲେ। ଚନ୍ଦ୍ର ଶେଖର ପ୍ରଧାନ ପୂଜା କାର୍ଯ୍ୟ ନିର୍ବାହ କରିଥିଲେ। ଏହି ମନ୍ଦିର ପ୍ରତିଷ୍ଠା କାର୍ଯ୍ୟରେ ୫ ଜଣ ପୁରୋହିତ ନିୟୋଜିତ ହୋଇଥିବା ବେଳେ ଚାରିଦିନ ଧରି ପୂଜାକାର୍ଯ୍ୟ ଚାଲିଥିଲା। ଏଥିରେ ସମ୍ମାନିତ ଅତିଥି ଭାବରେ ଅବସରପ୍ରାପ୍ତ ଜିଲ୍ଲାପାଳ ପ୍ରମୋଦ କୁମାର ବେହେରା ଯୋଗଦେଇ ମହାବୀର ହନୁମାନଙ୍କ ପାଖରେ ସମସ୍ତଙ୍କ ମଙ୍ଗଳ କାମନା କରିଥିଲେ। ଏହି ମନ୍ଦିର ପ୍ରତିଷ୍ଠା ଯୋଗୁଁ ଏହି ଅଞ୍ଚଳର ଜନସାଧାରଣ ମାନଙ୍କ ଭକ୍ତି ଓ ଶ୍ରଦ୍ଧାକୁ ସମ୍ମାନ ମିଳିବ ବୋଲି ପ୍ରତିକ୍ରିୟା ଦେଇଥିଲେ। ଏହି ଉତ୍ସବରେ ରେଢ଼ାଖୋଲ ବ୍ଲକ ସମେତ ଅନ୍ୟ ବ୍ଲକ ଅଞ୍ଚଳରୁ ଶତାଧିକ ଭକ୍ତ ଓ ଶ୍ରଦ୍ଧାଳୁ ମାନେ ଉପସ୍ଥିତ ରହି ହୁଳହୁଳି ଜୟ ଧ୍ୱନିରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଶେଷରେ ପ୍ରସାଦ ସେବନ କରି ଭକ୍ତ ଓ ଶ୍ରଦ୍ଧାଳୁ ମାନେ ଘରକୁ ଫେରିଥିଲେ।





---

# ବିଭିନ୍ନ ସ୍ଥାନରେ ନେତାଜୀ ଓ ବୀର ସୁରେନ୍ଦ୍ର ସାଏ ଜୟନ୍ତୀ






**ମାନେଶ୍ୱର, ୨୩।୧(ସମିସ)**

ମାନେଶ୍ୱରର ବ୍ଲକ ଅନ୍ତର୍ଗତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପାଞ୍ଚଫୁଟରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ପବିତ୍ର ଦିବସରେ ବିଦ୍ୟାଳୟର ପରିସରରେ ଏକ ସଭା ହେଇଥିଲା। ପ୍ରଧାନ ଶିକ୍ଷକ ସୁଶୀଲ କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ନେତାଜୀ ଓ ସୁରେନ୍ଦ୍ର ସାଏଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରାଯିବା ପରେ ଶିକ୍ଷକ ମଧୁସୂଦନ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ଡନସନା ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ସୁରେନ୍ଦ୍ର ସାଏଙ୍କ ଦେଶ ପାଇଁ ବଳିଦାନ ଚିର ସ୍ମରଣୀୟ ବୋଲି କହିଥିଲେ। ପ୍ରଧାନ ଶିକ୍ଷକ ଶ୍ରୀ ପାଣିଗ୍ରାହୀ ଏହି ଦୁଇ ବୀରଙ୍କ ଗାଥା ମାଟିମାଆ ପ୍ରତି ଆମ କର୍ତ୍ତବ୍ୟର ପ୍ରେରଣା ଯୋଗାଏ ବୋଲି କହିଥିଲେ। ଛାତ୍ରଛାତ୍ରୀମାନେ ମଧ୍ୟ ଏହି ଦୁଇ ଅମର ବୀରଙ୍କ ସଂପର୍କରେ କହିଥିଲେ। ଏ ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ସତ୍ୟଜିତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ସଭା ଆୟୋଜନରେ ଶିକ୍ଷକ ସନ୍ଦୀପ ସାହୁ, ସୀତାରାମ ସାହୁ, ସଦାଶିବ ପାଣ୍ଡେ ବିକାଶ ଓରାମ, ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ମାହାନା, ଜ୍ୟୋତି ଭୋଇ ପ୍ରମୁଖ ସହଯୋଗ କରିଥିଲେ।



**ନାକଟିଦେଉଳ:** ନାକଟିଦେଉଳ ବ୍ଲକ ଅନ୍ତର୍ଗତ ସରାପାଲି ସ୍ଥିତ ବୀର ସୁରେନ୍ଦ୍ର ସାଏ ଯୁବକ ସଂଘ ପକ୍ଷରୁ ସୁରେନ୍ଦ୍ର ସାଏ ଓ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଧିରେନ୍ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଂଗ୍ରେସ ନେତା ଆସଫ ଅଲ୍ଲୀ ଖାଁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସୁରେନ୍ଦ୍ର ସାଏ ଓ ନେତାଜୀ ସୁଭାଷ ବୋଷଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବାଟଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ରାଜନୀତି ଅଧ୍ୟାପକ ପ୍ରଫୁଲ୍ଲ କୁମାର ପ୍ରଧାନ ଯୋଗଦେଇ ଭାରତ ମାତାର ଦୁଇ ବରପୁତ୍ରଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ କୁଞ୍ଜବନ ମଠର ମଠାଧୀଶ ବାବା ପ୍ରଫୁଲ ଦାସ, ସରାପାଲି ଗ୍ରାମ ପଞ୍ଚାୟତ ସରପଞ୍ଚ ଶିବାନୀ ବାରିକ୍, ସମିତି ସଭ୍ୟା ନିରୂପମା ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଯୁବକ ସଂଘର ସକ୍ରିୟ ସଭ୍ୟ ପ୍ରଦୀପ କୁମାର ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ପୁରୁଷୋତ୍ତମ ବିଶ୍ୱାଳ ବିବରଣୀ ପାଠ କରିଥଲେ। ଶେଷରେ ପ୍ରଦୀପ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଛୋଟ ଛୋଟ ପିଲାଙ୍କୁ ନେଇ ଏକ କ୍ରୀଡା ପ୍ରତିଯୋଗିତା ହୋଇଥିଲା। ଯୁବକ ସଂଘର ସଭାପତି ଚନ୍ଦ୍ରମଣି ସାହୁ ଫିତା କାଟି କ୍ରୀଡ଼ା ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ଅନୁଷ୍ଠାନ ପକ୍ଷରୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା।

**ରେଙ୍ଗାଲି:** ଓଡ଼ିଶା ଆଦର୍ଶ ବିଦ୍ୟାଳୟ ରେଙ୍ଗାଲିରେ ଅଧ୍ୟକ୍ଷ ରମଣୀ କାନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ସୁରେନ୍ଦ୍ର ସାଏ ଜନ୍ମ ଜୟନ୍ତୀ ତଥା ପରାକ୍ରମ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅଧ୍ୟକ୍ଷ ଶ୍ରୀ ସାହୁ ପିଲାମାନଙ୍କୁ ଉଦବୋଧନ ଦେବା ସହ ସମ୍ବଲପୁର ନିକଟରେ ଥିବା ବିଭିନ୍ନ କୀର୍ତ୍ତିସ୍ଥଳୀ ଭ୍ରମଣ କରି ମହାପୁରୁଷଙ୍କ ଜୀବନରୁ ଅନେକ କିଛି ଶିଖିବା ପାଇଁ କହିଥିଲେ। ଶିକ୍ଷକ ସୁନିଲ କୁମାର ସାହୁ ମହାପୁରୁଷଙ୍କ ରଚନାବଳୀକୁ ଉଦ୍ଧାର କରି ପିଲାମାନଙ୍କୁ ଉଦବୋଧନ ଦେଇଥିଲେ। ବିଦ୍ୟାଳୟର ଅନେକ ଛାତ୍ରଛାତ୍ରୀ ସୁରେନ୍ଦ୍ର ସାଏ ତଥା ସୁଭାଷ ଚନ୍ଦ୍ର ବୋଷଙ୍କ ବିଷୟରେ ନିଜର ବକ୍ତବ୍ୟ ଉପସ୍ଥାପନ କରିବା ସହ ସଙ୍ଗୀତ ଗାନ କରି ଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଛାତ୍ରୀ ଏସା ଭଟ୍ଟାଚାର୍ଯ୍ୟ ପରିଚାଳନା କରିଥିଲେ।

---

## ଟ୍ରକ୍ ଡ୍ରାଇଭରଙ୍କୁ ହତ୍ୟା ଉଦ୍ୟମ

# ପୁରୁଣା ହେଲ୍‌ପର ସହ ୩ ଗିରଫ









**କୁଚିଣ୍ଡା, ୨୩।୧(ସମିସ):** ପଞ୍ଜାବ ପ୍ରଦେଶର ଟ୍ରକ୍ ଡ୍ରାଇଭର ରସପାଳ ସିଂ(୩୪) ଗତ ସୋମବାର ଅପରାହ୍ନ ୪ ଟାରେ ନାଗପୁରରୁ କୋଲକାତା ଅଭିମୁଖେ ଟ୍ରକ (ଡବ୍ଲୁବି-୨୩-ଇ-୮୬୮୬) ନେଇ ଯାଉଥିବା ବେଳେ ସମ୍ବଲପୁର ଜିଲ୍ଲା ଜମନକିରା ବାଇପାସ୍‌ରେ ସେହି ଟ୍ରକ୍‌ର ପୁରୁଣା ହେଲ୍ପର ହେମାନନ୍ଦ ପ୍ରଧାନ ଓ ତାର ୩ ଜଣ ସାଥି ଦୁଇଟି ବାଇକରେ ଆସି ରସପାଳଙ୍କୁ ଜୀବନରେ ମାରିଦେବାକୁ ଉଦ୍ୟମ କରିଥିଲେ। ପୁରୁଣା ଘଟଣାକୁ କେନ୍ଦ୍ର କରି ରସପାଳ ସିଂକୁ କଦର୍ଯ୍ୟ ଭାଷାରେ ଗାଳିଗୁଲଜ କରିବାପରେ ଲୁହା ରଡ଼ରେ ପିଟି ଜୀବନରୁ ମାରି ଦେବାର ଉଦ୍ୟମ କରିଥିଲେ। ରସପାଳ ସିଂଙ୍କ କହିବାନୁସାରେ ସେ କୌଣସି ପ୍ରକାରରେ ସେଇଠୁ ଖସିଯାଇ ହସ୍ପିଟାଲରେ ତାଙ୍କର ଚିକିତ୍ସା କରେଇଥିଲେ। ପରେ ରାତି ୧୦ଟା ୧୫ ମିରେ ଜମନକିରା ଥାନାରେ ହେମାନନ୍ଦ ପ୍ରଧାନ(୨୭), ହନୁମାନପଡ଼ାର ଶ୍ରୀତମ ପଳାଇ(୨୩), ମଲ୍ଲି ଟିକିରାର ଜୀତେନ୍ଦ୍ର ବାଘ(୨୦) ଓ ଷଣ୍ଢପଥରର ଯୁବରାଜ ମହାକୁଳ (୨୩)ଙ୍କ ନାମରେ ଲିଖିତ ଅଭିଯୋଗ କରିଥିଲେ। ଟ୍ରକ୍ ଡ୍ରାଇଭର ରସପାଳ ସିଂଙ୍କ ଅଭିଯୋଗ କ୍ରମେ ଜମନକିରା ପୁଲିସ ୪ଜଣଙ୍କୁ ଗିରଫ କରି ଜମନକିରା ଥାନା କେସ ନଂ ୧୩/୨୪ ଦଫା ୨୯୪/୩୪୧/୩୨୩/୩୨୪/୫୦୬/୩୦୭/୩୪୧ ରେ କୋର୍ଟ ଚାଲାଣ କରିଥିଲେ। ତାଙ୍କ ଠାରୁ ଦୁଇଟି ବାଇକ ଜବତ କରିଥିବା ଜମନକିରା ପୁଲିସ ପକ୍ଷରୁ ପ୍ରକାଶ।

---

# ଅଟୋକୁ ଧକ୍କା ଦେଲା ଟ୍ରକ୍: ସ୍ୱାମୀ-ସ୍ତ୍ରୀ ଗୁରୁତର

**କୁଚିଣ୍ଡା, ୨୩।୧(ସମିସ):** ମଙ୍ଗଳବାର ଅପରାହ୍ନରେ କୁଚିଣ୍ଡା ନୂଆଁ ବାଇପାସ ସଇଡ଼ା ବ୍ରିଜ ପାଖରେ ଏକ ଅଟୋକୁ ଟ୍ରକ୍ ଧକ୍କା ଦେବା ଫଳରେ ଅଟୋରେ ଥିବା ସମ୍ବଲପୁର ଅଶୋକା ଟକିଜ ପାଖ ଅଞ୍ଚଳର ସଂଜୀବ ସିଂ (୪୮) ଓ ପତ୍ନୀ ପୂଜା ସିଂ ଗୁରୁତର ଆହତ ହୋଇଥିଲେ। ପୂଜାଙ୍କ ଗୋଟିଏ ହାତ ଭାଙ୍ଗିଯାଇଥିବା ବେଳେ ଛାତି ଓ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ଜଣାପଡ଼ିଛି। ସଞ୍ଜିବଙ୍କ ଛାତିରେ ମଧ୍ୟ ଗଭୀର ଆଘାତ ଲାଗିଛି। ସମ୍ବଲପୁର ବାସିନ୍ଦା ସ୍ୱାମୀ ସ୍ତ୍ରୀ ଫାସୀମାଳରେ ପାଠ ପଢୁଥିବା ଝିଅକୁ ଛାଡ଼ିବାକୁ ଆସି ନିଜ ଘରକୁ ଫେରୁଥିବା ବେଳେ ଟ୍ରକ୍‌ଟି ଅଟୋକୁ ଧକ୍କା ଦେଇଥିଲା। ଅଟୋଟି ପ୍ରାୟ ୪୦/୫୦ ଫୁଟ୍ ତଳକୁ ଖସିପଡ଼ିଥିଲା। ଦୁର୍ଘଟଣା ଘଟାଇ ଟ୍ରକ୍ ଫେରାର ହୋଇଯାଇଥିଲା। ଖବର ପାଇ ଆମ୍ବୁଲାନ୍ସ ପହଞ୍ଚିବା ସହ ଲୋକଙ୍କ ସହାୟତାରେ ଅଟୋ ଭିତରୁ ସ୍ୱାମୀ-ସ୍ତ୍ରୀଙ୍କୁ ଉଦ୍ଧାର କରି ବୁର୍ଲା ଡାକ୍ତରଖାନା ପଠାଇଥିଲେ।





---

# ଭୂମିହୀନଙ୍କୁ ପଟ୍ଟା ବଣ୍ଟନ ଓ ବିଭିନ୍ନ ରାସ୍ତା ଶିଳାନ୍ୟାସ



**ରେଢ଼ାଖୋଲ, ୨୩।୧(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଅନ୍ତର୍ଗତ ବିଭିନ୍ନ ରାସ୍ତାର ଶିଳାନ୍ୟାସ ସହିତ ରେଢ଼ାଖୋଲ ତହସିଲ କାର୍ଯ୍ୟାଳୟରେ ଭୂମିହୀନ ହିତାଧିକାରୀଙ୍କୁ ଭୂମିପଟ୍ଟା ବଣ୍ଟନ ବିଧାୟକ ରୋହିତ ପୂଜାରୀଙ୍କ ଦ୍ୱାରା ହୋଇଯାଇଛି। ଗମନାଗମନ ସୁବିଧା ପାଇଁ ରାଜ୍ୟ ସରକାର ସହରରୁ ଗ୍ରାମାଞ୍ଚଳକୁ ଯୋଡୁଛନ୍ତି। ରେଢ଼ାଖୋଲ ବ୍ଲକ ଅନ୍ତର୍ଗତ ଭରତାପୁର ଗ୍ରାମ କଳାପଥର ନାଳ ଉପରେ ବ୍ରିଜ ନିର୍ମାଣ ଓ ରାମପୁର ଗୋବିନ୍ଦପୁର ର ରାସ୍ତା ଭିତ୍ତିପ୍ରସ୍ତର ସ୍ଥାପନ ବିଧାୟକ ଶ୍ରୀ ପୂଜାରୀଙ୍କ ଦ୍ୱାରା ହୋଇଯାଇଛି। ଏହାଦ୍ୱାରା ଏହି ଅଞ୍ଚଳର ଗ୍ରାମଗୁଡ଼ିକୁ ସୁଦୃଢ ଓ ସୁଗମ ଗମନାଗମନ ସଂଯୋଗ ହୋଇପାରିବ। ରେଢ଼ାଖୋଲ ତହସିଲ କାର୍ଯ୍ୟାଳୟରେ ୨୫ଜଣ ଭୂମିହୀନ ହିତାଧିକାରୀ ମାନଙ୍କୁ ଭୂମି ପଟ୍ଟା ବଣ୍ଟନ କରାଯାଇଛି। ଏହି ଭୂମି ପଟ୍ଟା ବଣ୍ଟନ ବେଳେ ରେଢ଼ାଖୋଲ ତହସିଲଦାର ଦେବାଶିଷ ପାତ୍ର, ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ଉପାଧ୍ୟକ୍ଷା ଚିନ୍ମୟୀ ତ୍ରିପାଠୀ, ରେଢ଼ାଖୋଲ ବ୍ଲକ ବିଜେଡ଼ି ସଭାପତି ଉଦିତ ତ୍ରିପାଠୀ, ସମ୍ବଲପୁର ଜିଲ୍ଲା ବିଜେଡ଼ି ସମ୍ପାଦକ ଲକ୍ଷ୍ମଣ ପ୍ରଧାନ, ଟିଟୁ ଦେହୁରୀ, ଆଦିତ୍ୟ ପ୍ରଧାନ ପ୍ରମୁଖ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

---

# ନେତାଜୀ ସୁଭାଷ ସଙ୍ଘ ତରଫରୁ ରକ୍ତଦାନ ଶିବିର




**ସମ୍ବଲପୁର, ୨୩।୧(ସମିସ):** ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମଜୟନ୍ତୀ ଉପଲକ୍ଷ୍ୟେ ଆଜି ବଙ୍ଗାଳିପଡ଼ା ନେତାଜୀ ସୁଭାଷ ସଂଘ ପକ୍ଷରୁ ଏକ ବାଇକ୍ ରାଲି ବାହାରି ଜେଲଛକ ଠାରେ ଥିବା ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହାପରେ ନେତାଜୀ ସୁଭାଷ କ୍ଲବ ଠାରେ ଏକ ରକ୍ତଦାନ ଶିବିର କରାଯାଇଥିଲା। ଏହି ଶିବିରରେ ମୋଟ୍ ୩୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। କାର୍ଯ୍ୟକ୍ରମକୁ ସଭାପତି ତପନ ଘୋଷ, ଦେବାଶିଷ ଦେ, ସଞ୍ଜିବ ଦତ୍ତ, ହିମାଂଶୁ କର୍ମକାର, ସପନ ଚାନ୍ଦ, ରାଜେଶ ମାଝୀ, ତରୁଣ ରାୟ, ରାଜୀବ ଦତ୍ତ, ବିଶ୍ୱଜିତ ରାୟ, ପ୍ରଦୀପ କର୍ମକାର, ଗୌରାଙ୍ଗ ରାୟ, ସୁବିର ରାୟ, ମୃଣାଳ ସିନ୍‌ହା, ଜୟ ଘୋଷ, ଗଣେଶ ଦେବନାତ, ଜୟନ୍ତ ଚାନ୍ଦ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।



ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁଭାଷଚନ୍ଦ୍ର ବୋଷ ଜୟନ୍ତୀ ପାଳିତ

# ଦେଶପ୍ରେମ ଓ ଚେତନାର ନିଦର୍ଶନ ଥିଲେ ଦୁଇ ସଂଗ୍ରାମୀ

**ବରଗଡ଼/ଅମ୍ବାଭୋନା/ପାଇକମାଲ/ପଦ୍ମପୁର/ ବରପାଲି, ୨୩।୧(ସମିସ)**

ରୋଟାରୀ ପବ୍ଲିକ ସ୍କୁଲରେ ନେତାଜୀ ସୁଭାଷଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏ ଜୟନ୍ତୀ ଉତ୍ସବକୁ ରୋଟାରୀ କ୍ଲବର ପୂର୍ବତନ ସଭାପତି ରୋଟାରୀଏନ୍ ଗୋବିନ୍ଦ ଦାଶ, କ୍ରୀଡ଼ା ଓ ସାଂସ୍କୃତିକ ଅଧ୍ୟକ୍ଷ ବୀରେନ୍ଦ୍ର ଶତପଥି, ରୋଟାରୀଏନ୍ ଆଦିତ୍ୟ ପାଢ଼ୀ ଏବଂ ରୋଟାରୀଏନ୍ ସ୍ୱପ୍ନ କୁମାର ମିଶ୍ର ଉଦ୍‌ଘାଟନ କରିଥିଲେ। ଅଧକ୍ଷ ଗଜେନ୍ଦ୍ର ନାରାୟଣ ମିଶ୍ରଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି






କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ତଥା ଶିକ୍ଷକ ଶିକ୍ଷୟିତ୍ରୀ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ନୃତ୍ୟ ଗୀତ ତଥା କୁଇଜ୍, କରାଟେ, ଡ୍ରାମା ଆଦି ପରିବେଷିତ ହୋଇଥିଲା।

ରାଣା ପ୍ରତାପ ସ୍କୁଲରେ ପ୍ରଧାନଶିକ୍ଷକ ସୁଦୀପ ଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରାକ୍ତନ ଅଧାପକ ଅନ୍ତର୍ଯ୍ୟାମୀ ଦାଶ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଜ୍ୟୋସ୍ନାମୟୀ ତ୍ରିପାଠୀ, ଡ ଡୋଲାମଣି ଶତପଥି ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ସୁନୀତା ମିଶ୍ର, ବବିତା ନାଏକ, ନିଳୀମା ପ୍ରଧାନ, ତପସ୍ୱିନୀ ତ୍ରିପାଠୀ, ଗୀତା ଜାଲ, ଦୀପିକା କୁଲୁ, ଜ୍ୟୋତି ବେହେରା, ନନ୍ଦିତା ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦେବାନନ୍ଦ ସର୍ଭଙ୍ଗ, ରେଣୁକା ଭୋଇ, ସାଲିନୀ ସା, ରୁଚି ମାଝୀ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଶିକ୍ଷକ ଗୋପବନ୍ଧୁ ପୁରୋହିତ ସଂଯୋଜନା କରିଥିଲେ।

ମୁରଲୀ କ୍ରିଷ୍ଣା ଫାଉଣ୍ଡେସନ ଆନୁକୂଲ୍ୟରେ ପ୍ରତିଷ୍ଠିତ ବିକାଶ ଇନଷ୍ଟିଟ୍ୟୁଟ ଫର୍ ସୋସିଆଲ୍ ୱେଲ୍ ଫେୟାର୍ ସ୍କୁଲରେ ଅଧକ୍ଷ ଡ. ଡୋଲାମଣି ଶତପଥୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବରେ ବିକାଶ ଆଇଟିଆଇ ଅଧ୍ୟକ୍ଷ ଚିତ୍ରସେନ ଶତପଥୀ, ପ୍ରଶିକ୍ଷକ ଦୀପକ ହୋତା ସମ୍ମାନିତ ଅତିଥି ଭାବରେ ଅଂଶଗ୍ରହଣ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଜାତୀୟ ଚେତନା ଦେଶପ୍ରେମ ସୃଷ୍ଟି କରିବା ପାଇଁ ତର୍କ ପ୍ରତିଯୋଗିତା ହୋଇଥିଲା। ନିଶିତ ସାହୁ, ପ୍ରକାଶଚନ୍ଦ୍ର ଅଦାବର, ଅମିତ ଦାଶ, ଗୀତା ପଟେଲ, କଳ୍ପନା ପାଢ଼ୀ ଅଂଶଗ୍ରହଣ କରିଥିଲେ। ଅଭିପ୍ସା, ଶ୍ରେୟା, ସୌରଭ,ଶ୍ରିରଙ୍ଗା, ରିୟା, ଆଶୁତୋଷ ପୁରସ୍କୃତ ହୋଇଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ କଳ୍ପନା ପାଢ଼ୀ।

ଅମ୍ବାଭୋନା ବ୍ଲକ ଭୁକ୍ତା ଜନତା ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଦୁର୍ଗାପ୍ରସାଦ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷକ ସଞ୍ଜୟ ଖମାରୀ, ରାଧେଶ୍ୟାମ ବାରିକ, ପ୍ରଧାନଶିକ୍ଷକ ଦୁର୍ଗାପ୍ରସାଦ ନାୟକ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଅଲିଭା ନାଏକ, ଟୁଲେଶ ଦୁଆନ, ଚିତ୍ତରଞ୍ଜନ ପଧାନ, ବର୍ଷାରାଣୀ ଦେହେରୀ, ଦିବ୍ୟା ରଣବୀର, ହରିପ୍ରିୟା ସହରା, ରୋଜା ମେହେର, ତୃପ୍ତିମୟୀ ପଧାନ, ଗୋମତୀ ଗଡତିୟା, ଆଦ୍ୟାଶା ଭୋଇ, କୁସୁମ ଡ଼ିଲା, ଜିଜ୍ଞାସା ରାଣୀ ପଟେଲ ବକ୍ତବ୍ୟ ରଖିଥିଲେ। ଶିକ୍ଷକ ରାଧେଶ୍ୟାମ ବାରିକ, ସଂଜୟ ଖମାରୀ, ତେଜରାମ ସା, ଅଙ୍କିତ ମହନ୍ତ, ଈଶ୍ୱର ପଧାନ, ବୋଧରାମ ବିଶ୍ୱାଳ, ଅଶୋକ ଦାସ, ପଦ୍ମଲୋଚନ ବିଶି, ପ୍ରଶାନ୍ତ ମହାପାତ୍ର, ଶିକ୍ଷୟିତ୍ରୀ ଅନୀତା ପଧାନ, ସୌଦାମିନୀ ବାରିକ, ରାଜକୁମାରୀ ଭୁଏ, ତାରାବତୀ ସାହୁ, ରୁକୁଣୀ ସେଠ, ସହଯୋଗ କରିଥିଲେ। ଶିକ୍ଷକ ତେଜରାମ ସା ଧନ୍ୟବାଦ ଅର୍ପଣ କରିଥିଲେ।

ପାଇକମାଲ ଜବାହର ନବୋଦୟ ବିଦ୍ୟାଳୟରେ ଅଧ୍ୟକ୍ଷ ସରୋଜ ତ୍ରିପାଠୀ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ବରିଷ୍ଠ ଶିକ୍ଷକ ଉମେଶଚନ୍ଦ୍ର ଝାଙ୍କର ଏବଂ ଛାତ୍ରୀ ହରପ୍ରିୟା ଜେନା ସ୍ୱାଧୀନତା ସଂଗ୍ରାମରେ ଏହି ମହାମାନବଙ୍କ ତ୍ୟାଗ ଓ ବଳିଦାନ ସମ୍ପର୍କରେ ଆଲୋଚନା କରିଥିଲେ। ବରିଷ୍ଠ ଶିକ୍ଷକ ରଶ୍ମିରଞ୍ଜନ ପଟ୍ଟନାୟକ ସଂଚାଳନ କରିଥିଲା ବେଳେ ବିଦ୍ୟାଳୟର ଉପାଧ୍ୟକ୍ଷ ଅରବିନ୍ଦ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ସେହିପରି ପାଇକମାଲ ବ୍ଲକ ଜାମସେଠ କ୍ଲବ୍ ଗୃହରେ ନେତାଜୀ ଯୁବକ ସଂଘ ପକ୍ଷରୁ ନେତାଜୀ ଜୟନ୍ତୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି। କ୍ଲବ ସଭାପତି ହେମନ୍ତ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ଜାମସେଠ ଷ୍ଟେଟ ବ୍ୟାଙ୍କ ମ୍ୟାନେଜର ବିଭୂପଦ ସାହୁ, ସରପଞ୍ଚ ଆର୍ତ୍ତତ୍ରାଣ ସାହୁ, ସମ୍ପାଦକ ପ୍ରମୋଦ ରାଏ ଯୋଗ ଦେଇଥିଲେ। ଅକ୍ଷୟ ପ୍ରଧାନ, ନରୋତ୍ତମ ମାଝୀ, ରବି ରଣା, ଦେବାଶିଷ ପଟ୍ଟନାୟକ, ମଦନ ଭୋଇ, ନଟବର ପ୍ରଧାନ, ଅମୀୟ ରଣା, ଶରତ ତାଣ୍ଡି, ତ୍ରିନାଥ ରଣା, ଭାଗୀରଥି ମାଝୀ, କୈଳାସ ହଂସ, ପାର୍ଥ ରଣା, ପ୍ରତାପ ସାହୁ ଉପସ୍ଥିତ ଥିଲେ।

ପଦ୍ମପୁର ବ୍ଲକ୍ ପୁରେନା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଜୟନ୍ତୀ ଉତ୍ସବରେ ପ୍ରଧାନଶିକ୍ଷକ ରେଣୁଧର ସାହୁ ପୌରହିତ୍ୟ କରିଥିଲେ। ଶିକ୍ଷକ ପ୍ରମୋଦ ନାଥ ସଂଯୋଜନା କରିବା ସହ ଜାତୀୟ ବୀରଙ୍କ ସ୍ମୃତି ଚାରଣ କରିଥିଲେ। ଛାତ୍ରଛାତ୍ରୀମାନେ ବୀରଗାଥା ପାଠ କରିଥିଲେ। ଶିକ୍ଷୟିତ୍ରୀ ନନ୍ଦିନୀ ମିଶ୍ର ମହାପୁରୁଷଙ୍କ ଜୀବନୀ ଉପସ୍ଥାପନ କରିଥିଲେ। ଲେକ୍ସ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

ସେହିପରି ଖୁଜେନ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷୟତ୍ରୀ ସାବିତ୍ରୀ ଧରୁଆ ନେତାଜୀ ଓ ବୀର ସୁରେନ୍ଦ୍ରଙ୍କ ଗୁଣଗାଥା ଉପସ୍ଥାପନ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରି ପୁରସ୍କୃତ କରାଯାଇଥିଲା।

ପଦ୍ମପୁର କଂଗ୍ରେସ କାର୍ଯ୍ୟାଳୟରେ କର୍ମୀମାନେ ମହାପୁରୁଷଙ୍କ ତୈଳଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ ପୂର୍ବକ ପୂଜାର୍ଚ୍ଚନା କରିଥିଲେ। ବରିଷ୍ଠ କଂଗ୍ରେସ ନେତା ଗୌନ୍ତିଆ ସାହୁ, ସନ୍ତୋଷ ଶତପଥି, ଦିଲ୍ଲୀପ ଦାନୀ, ପ୍ରଦୀପ ବେହେରା, ମୌସୁମୀ ସାହୁ ପ୍ରମୁଖ ସ୍ମୃତିଚାରଣ କରିଥିଲେ।

ବରପାଲି ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟ ଓବିଏ ନିଉଜର ମିଳିତ ଆନୁକୂଲ୍ୟରେ ନେତାଜୀ ସୁଭାଷ ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଅଧ୍ୟକ୍ଷା ପଦ୍ମିନୀ ଦାଶଙ୍କ ତତ୍ତ୍ୱାବଧାନରେ ଏବଂ ମହାବିଦ୍ୟାଳୟ ପ୍ରତିଷ୍ଠାତା ଅନ୍ତର୍ଯ୍ୟାମୀ ପଣ୍ଡାଙ୍କ ଅଧ୍ୟକ୍ଷତାରେ ପରିଚାଳିତ ଉତ୍ସବକୁ ଅଧାପକ ଯତୀନ୍ଦ୍ର ସାହୁ ସଂଯୋଜନା କରିଥିଲେ। ମୁଖ୍ୟଅତିଥି ଭାବେ ବିଶିଷ୍ଟ ସିନେ ଅଭିନେତ୍ରୀ ସୁଶୀଳା ନାୟର, ସମ୍ମାନିତ ଅତିଥି ଭାବେ ତହସିଲଦାର ରୁକ୍ମଣ ମେହେର, ଅଭୟ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ସରୋଜ ମେହେରଙ୍କ ପରିଚାଳନାରେ ଏକ ସଙ୍ଗୀତ ପ୍ରତିଯୋଗିତା ହୋଇଥିଲା। ଜୁନିଅର ବିଭାଗରୁ ଅନ୍ୱେଷା ଦାଶ ପ୍ରଥମ, ମଧୁସ୍ମିତା ଦାଶ ଦ୍ୱିତୀୟ, ଶ୍ରିଷ୍ଟି ପଟ୍ଟନାୟକ ତୃତୀୟ ଏବଂ ସିନିୟର୍ ବିଭାଗରୁ ପ୍ରଥମ ଇତିଶ୍ରୀ ସାହୁ, ବିନୋଦିନୀ ସାହୁ ଦ୍ୱିତୀୟ, ସନ୍ଧ୍ୟା ହରିପାଲ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଅଧାପିକା ନିଳୀମା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ନେପାଳ ବିଶ୍ୱାଳ, ଶଶାଙ୍କ ଶେଖର ପଧାନ, ସାର୍ଥକ ପାଣିଗ୍ରାହୀ, ଅଧାପିକା ପିଙ୍କି ବାରିକ, ଜ୍ୟୋତି ସାହୁ, ମନ୍ଦାକିନୀ ମେହେର, ମନିଷା ଭୋଇ, ପରିଣିତା ପ୍ରଧାନ, ଶୋଭାବତୀ ଥପା, ସହକର୍ମୀ ବିରେନ୍ଦ୍ର ଖଟୁଆ, ନୃପରାଜ ବରିହା, ତ୍ରିପୁରା ବେହେରା ସହଯୋଗ କରିଥିଲେ।

## ନଳିଚୂଆଁରେ ହତ୍ୟା; ଅଭିଯୁକ୍ତ ଗିରଫ

**ଭଟଲି,୨୩।୧(ସମିସ):** ଭଟଲି ବ୍ଲକ ସୁକୁଡା ପଞ୍ଚାୟତ ଅନ୍ତର୍ଗତ ନଳିଚୂଆଁ ଗ୍ରାମରେ ସ୍ୱଷ୍ଟ ଦିବାଲୋକରେ ଭୀଭତ୍ସକ ହତ୍ୟାକାଣ୍ଡ ଘଟିଯାଇଛି। ଗ୍ରାମର ଏକ ବିଲ ମଝିରେ ୩୫ ବର୍ଷୀୟ ବିଜୟ ଖଡିଆଙ୍କ ମୃତଦେହ ଦେଖିବାକୁ ମିଳିଥିଲା। ଗାଁଲୋକେ ପୁଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୁଲିସ ଓ ସାଇଣ୍ଟିଫିକ୍ ଦଳ ପହଞ୍ଚି ଏହି ଅମାନୁଷିକ ହତ୍ୟାକାଣ୍ଡର ତଦନ୍ତ ଆରମ୍ଭ କରିଥିଲେ। ଏକ ଧାରୁଆ ଟାଙ୍ଗିଆ ସହ ଅଭିଯୁକ୍ତ ପିଣ୍ଟୁ ଖଡିଆକୁ ପୁଲିସ ଗିରଫ କରିବାରେ ସଫଳ ହୋଇଥିବା ବେଳେ ହତ୍ୟାକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ପ୍ରାରମ୍ଭିକ ତଦନ୍ତରୁ ଅଭିଯୁକ୍ତ ଓ ମୃତକ ଦୁହେଁ ସମ୍ପର୍କୀୟ ବୋଲି ଜଣାପଡିଛି।

## କଫ୍ ସିରପ୍ ସହ ଦୁଇ ଗିରଫ

**ଝାରବନ୍ଧ, ୨୩।୧(ସମିସ):** ଜଗଦଲପୁର ଥାନା ଛତିଶଗଡ ସୀମାନ୍ତରେ ଥାନାଧିକାରୀ ବିପିନ ବାଗ ଓ ଏଏସଆଇ ଡି.କୁମର୍ରା ଓ ଟିମ ଛତିଶଗଡ ସୀମାନ୍ତ ଶିକାରିପାଲିଠାରେ ପାଟ୍ରୋଲିଂ କରୁଥିବା ବେଳେ ବେଆଇନ କଫ ସିରପ ଓ ନିଶା ବଟିକା ଜବତ କରିଛନ୍ତି। ବିକ୍ରୟ କରୁଥିବା ଉତ୍ତର ପ୍ରଦେଶର ଦୁଇଜଣ ଯୁବକକୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ହେଲେ ବିକାଶ ନାଗର ଓ ପଙ୍କଜ କୁମାର। ଉଭୟଙ୍କଠାରେ ୧୫ ବୋତଲ ଏସକଫ ସିରପ, ୨ ଷ୍ଟ୍ରିପ ନାଇଟ୍ରେସେନ ଟେବଲେଟ ଓ ୧୦ ଲିଟର କଫସିରପ ମିଶ୍ରଣ ଜବତ ହୋଇଛି। ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

## ସ୍କୁଟି ଦୁର୍ଘଟଣାଗ୍ରସ୍ତ; ଯୁବକ ଆହତ

**ବରଗଡ଼, ୨୩।୧(ସମିସ):** ମଙ୍ଗଳବାର ସକାଳ ୧୦ଟା ସମୟରେ ବର୍ଦ୍ଧମାନ ମହାବୀର କୋଚିଂ ସେଣ୍ଟର ସମ୍ମୁଖରେ ଏକ ସ୍କୁଟିରେ ଦୁର୍ଘଟଣାଗ୍ରସ୍ତ ହେବାରୁ ପିପଲମୁଣ୍ଡା ଗାଁର ସତ୍ୟନ୍ଦ୍ର ରାୟ (୨୮) ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଡ଼କାଇଥିଲା ବେଳେ ସମାଜସେବୀ ସଂଘମିତ୍ରା ପଟେଲ ଘଟଣାସ୍ଥଳକୁ ପହଞ୍ଚି ଏକ ଟେମ୍ପୋ ସାହାଯ୍ୟରେ ବରଗଡ଼ ପୁରୁଣା ହସ୍ପିଟାଲକୁ ନେଇ ଚିକିତ୍ସା କରାଇଥିଲେ। ଆହତ ଯୁବକ କ୍ଷୀର ବିକ୍ରୀ କରି ପରିବାର ପୋଷଣ କରୁଛନ୍ତି। ଭଟଲି ଛକରେ ପ୍ରତିଦିନ ଏମିତି ଛୋଟ ବଡ ଦୁର୍ଘଟଣା ଘଟୁଛି ହେଲେ ପ୍ରଶାସନ ଏହାର ସ୍ଥାୟୀ ପ୍ରତିକାର କରୁନାହିଁ।

## ଗୋପୀନାଥ ମନ୍ଦିରରୁ ବାହାରିଲା ଶ୍ରୀରାମ ଶୋଭାଯାତ୍ରା

**ବରପାଲି, ୨୩।୧ (ସମିସ):** ବରପାଲି ଗୋପୀନାଥ ମନ୍ଦିର ପରିସରରୁ ଜୟଶ୍ରୀ ରାମଙ୍କ ପାଲିଙ୍କି ଶୋଭାଯାତ୍ରା ପରିକ୍ରମାରେ ବାହାରିଥିଲା। ହିନ୍ଦୁ ଜାଗରଣ ପରିଷଦ, ରାଧାରାଣୀ ସେବାଶ୍ରମ, ସରସ୍ୱତୀ ସଂଘ,ଲିଟିଲ ଏଞ୍ଜେଲସ ପବ୍ଲିକ ସ୍କୁଲ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ ଭକ୍ତମଣ୍ଡଳୀ ସହଯୋଗରେ ରାଧାରାଣୀ ସେବାଶ୍ରମ କାର୍ଯ୍ୟକର୍ତ୍ତା ଆଦିତ୍ୟ ପ୍ରସାଦ କର ଓ ଅନ୍ୟ ସଭ୍ୟ ଏହାକୁ ପରିଚାଳନା କରିଥିଲେ। ଶୋଭାଯାତ୍ରା ସମୟରେ ମୁଖ୍ୟଛକରେ କୁନିକୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ରାମାୟଣ ବିଷୟବସ୍ତୁକୁ ନେଇ ନାଟକ ପ୍ରଦର୍ଶିତ ହୋଇଥିଲା। ଅଏହି ଅବସରରେ ଜୟ ଶ୍ରୀରାମ ଧ୍ୱନିରେ ବରପାଲି ଅଞ୍ଚଳ ପ୍ରକମ୍ପିତ ହେବା ସହ ରାମମୟ ସାଜିଥିଲା ସମଗ୍ର ଅଞ୍ଚଳ। ସନ୍ଧ୍ୟାରେ ଭୋଗ ବଣ୍ଟନ କରାଯାଇଥିଲା। ମଧୁସ୍ମିତା ମୁଣ୍ଡ, ମିନତି ପ୍ରଧାନ, ସଚଳା ଦାଶ, ଆଦିତ୍ୟ ପ୍ରସାଦ କର, ଅଙ୍କିତ ଥଇତ, ଅମର ମେହେର, ଅଶୋକ ସାହୁ, କୁଞ୍ଜବିହାରୀ ମେହେର, ଗୋପାଳ ବେହେରା, ଗିରିଧାରୀ ମେହେର, ଅନିଲ ଅଗ୍ରୱାଲ, ରାଜୁ ଗୁପ୍ତା ସହାୟତା କରିଥିଲେ।

## ବିକାଶ ଲ' ସ୍କୁଲରେ ପରାକ୍ରମ ଦିବସ ପାଳିତ

**ବରଗଡ଼, ୨୩।୧(ସମିସ):** ବିକାଶ ଲ' ସ୍କୁଲରେ ବୀର ସୁରେନ୍ଦ୍ର ସାଏ ଓ ସୁଭାଷଚନ୍ଦ୍ର ବୋଷ୍ ଜୟନ୍ତୀ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ଡ. ବିକ୍ରମ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସଂଯୋଜକ ଅଧାପକ ଶିବାନନ୍ଦ ସାହୁ ପରିଚାଳନା କରିଥିଲେ। ବିଏ ଏଲ୍‌ଏଲ୍‌ବି ର ପ୍ରଥମ ବର୍ଷର ଛାତ୍ର ସ୍ୱୟମ ମିଶ୍ର, ଅଭିପ୍ସା ନାୟକ ଓ ତୃତୀୟ ବର୍ଷର ଛାତ୍ରୀ ନବନୀତା ପଣ୍ଡା, ଅଧାପକ ଅଭିନନ୍ଦନ ଖୁଣ୍ଟିଆ ଦୁଇ ଦେଶପ୍ରେମୀଙ୍କ ଜୀବନୀ ଓ ବୀରତ୍ୱ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ।ବିକାଶ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ସର ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ଡି. ନାଗେଶ୍ୱର ରାଓ ଉକ୍ତ ପ୍ରଶଂସା କରିଥିଲେ। ଅଧାପକ ଅଭିନନ୍ଦନ ଖୁଣ୍ଟିଆ, ଆଶିଷ କୁମାର ଦାସ୍, ରୋଜି ମେହେର, ସ୍ୱାଗତିକା ସାହୁ, ସୁଶୋଭିତା ଦାସ, ସାଗରିକା ବିଶ୍ୱାଳ ଓ ଲ ସ୍କୁଲ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଅଧାପିକା ସ୍ୱାଗତିକା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



## ତାଳପଦରରେ 'ନବୀନ ଓଡ଼ିଶା' ସଚେତନତା



**ଘେଁସ, ୨୩।୧(ସମିସ):** ତାଳପଦର ହାଇସ୍କୁଲ ପଡିଆରେ ଗ୍ରାମପଞ୍ଚାୟତସ୍ତରୀୟ 'ନବୀନ ଓଡିଶା' ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ରିତା ସାହୁ ମୁଖ୍ୟଅତିଥି, ବିଜେପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ମୋତିରାମ ସାହୁ, ସରପଞ୍ଚ କାମିନୀ ପଧାନ, ପିଇଓ ଅଶ୍ୱିନୀ ସାହୁ, ଜିଆରଏସ କେଦାରନାଥ ଶ୍ରୀଦାର, ଉଦ୍ରମଣ୍ଡଳୀ, ମିଶନ ଶକ୍ତି, ଅଙ୍ଗନବାଡି କର୍ମୀଗଣ, ସ୍ୱୟଂ ସହାୟକ ଗୋଷ୍ଠୀର ମା'ମାନେ ଯୋଗଦାନ କରିଥିଲେ। ନୃତ୍ୟଗୀତରେ କୃତିତ୍ୱ ଲାଭ କରିଥିବା ଛୋଟ ଛୋଟ କଳାକାରଙ୍କୁ ମନ୍ତ୍ରୀ ପୁରସ୍କୃତ କରିଥିଲେ। ସାମ୍ବାଦିକ ପ୍ରାଣବନ୍ଧୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପୃଥକ ଶିବିରରେ ୫୮ ୟୁନିଟ ରକ୍ତ ସଂଗ୍ରହ

**ଥୁଆପାଲି/ପଦ୍ମପୁର, ୨୩।୧(ସମିସ):** ଭେଡେନ ବ୍ଲକ ରେମଣ୍ଡା କଲ୍ୟାଣ ମଣ୍ଡପରେ ଶପଥ ସେବା ସଂସ୍ଥା ପକ୍ଷରୁ ଚତୁର୍ଥ ପ୍ରତିଷ୍ଠା ଦିବସ ପାଳନ ଅବସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ମାଁ ସମଲେଶ୍ୱରୀ, ନେତାଜୀ ସୁଭାଷଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିଛବି ନିକଟରେ ପୁଷ୍ପମାଲ୍ୟ, ପ୍ରଦୀପ ପ୍ରଜ୍ୱଳନ ପରେ ରକ୍ତଦାନ ଶିବିରକୁ ସଂଯୋଜନା କରିଥିଲେ ପ୍ରତାପ କେଶରୀ ବହିଦାର। ଶପଥ ପରିବାରର ସଭାପତି ନିରଞ୍ଜନ ଖମାରୀ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ 'ମୋ ପରିବାର' ଜିଲ୍ଲା ସଂଯୋଜକ ଗୌରହରି ମିଶ୍ର, ସମ୍ମାନିତ ଅତିଥି ଭାବେ ରେମଣ୍ଡା ସରପଞ୍ଚ ଉଦ୍ଧବ ବାରିକ, ସମିତିସଭ୍ୟା ରିଙ୍କି ସେଟ୍, ଜିଲ୍ଲା ପରିଷଦ ସଭ୍ୟ ସତ୍ୟଜିତ ପୁରୋହିତ, ଭେଡେନ ପାକ୍ସ ସଭାପତି ହରିଶଙ୍କର ବେହେରା ଯୋଗ ଦେଇଥିଲେ। ସ୍ୱେସେବୀ ଅନୁଷ୍ଠାନ ଅମୃତ କୁଟୁମ୍ବ, ସେବା ପରିବାର, ଜିଲ୍ଲା ସମାଜସେବୀ ସଂଘ ଏବଂ ରେମଣ୍ଡା ଗ୍ରାମର ୨୦୨୨-୨୩ ମେଟ୍ରିକ୍ ପରୀକ୍ଷାରେ ଟପର୍ ହୋଇଥିବା ଜିନା ମେହେରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରକ୍ତଦାନ ଶିବିରରେ ମୋଟ୍ ୨୭ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଏକ ଦମ୍ପତି ଜିତେନ୍ଦ୍ର ସାହୁ ଓ ତାଙ୍କର ଧର୍ମପତ୍ନୀ ଅଂଜଳି ସାହୁ ରକ୍ତଦାନ କରିଥିଲେ। ୧୮ ଜଣ ନୂତନ ସଦସ୍ୟ ଶପଥ ପରିବାରରେ ଯୋଗଦାନ କରିଥିଲେ। ତନ୍ମୟ ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ।



ପବିତ୍ର ନେତାଜୀ ସୁବାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏ ଜୟନ୍ତୀରେ ପଦ୍ମପୁର ଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଆଶା ସହ୍କାର,ଗାଡି ମାଲିକ ଚାଲକ ସଂଘର ମିଳିତ ଉଦ୍ୟମରେ ଆୟୋଜିତ ଶିବିରରେ ୩୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଏଡିଏମ କୁଣାଳ ଚହ୍ୱାନ ମୁଖ୍ୟ ଅତିଥି, ଅନ୍ୟତମ ଅତିଥି ଉପଖଣ୍ଡ ଚିକିତ୍ସାଧିକାରୀ ଡା ସରୋଜ ସେଟ, ଥାନାଧିକାରୀ ମମତା ନାଏକ, ଏନଏସି ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝି, ସମାଜସେବୀ ନିରୋଜ ଦୋରା, ଆଇନଜୀବୀ ଅଜିତ ଶତପଥି, ଡ୍ରାଇଭର ସଂଘର ଲବଣି ନାଗ, ଅବସରପ୍ରାପ୍ତ ସୂଚନା ଓ ଲୋକ ସଂପର୍କ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ ମଞ୍ଚାସୀନ ଥିଲେ। ରକ୍ତ ଭଣ୍ଡାରର ସଂଗ୍ରାମ, ସୁମିତ ସୁମନ, ହିତେଶ,ଶ୍ୟାମସୁନ୍ଦର, ଜିତେନ୍ଦ୍ରିୟ ରକ୍ତ ସଂଗ୍ରହ କରିଥିଲେ। ରବି ସାହୁ, ଆନନ୍ଦ ହଂସ, ସରୋଜ ମେହେର, କିଶୋର ତାଣ୍ଡି, ଆଲୋକ ସାହୁ, ସାର୍ତ୍ତିକ ପଟେଲ, ବାବୁଲାଲ ବେହେରା, ଲକ୍ଷ୍ମଣ ହାତୀ, ଲାଲୁ ପିଥୋରିଆ, ପ୍ରକାଶ ପୁରୋହିତ ସହଯୋଗ କରିଥିଲେ।

## ନୃସିଂହନାଥ ଏସଏସଡି ହାଇସ୍କୁଲର ବାର୍ଷିକ ଉତ୍ସବ

**ପାଇକମାଲ, ୨୩।୧ (ସମିସ):** ପାଇକମାଲ ବ୍ଲକଜର୍ଜଗଡ଼ସ୍ଥିତ ନୃସିଂହନାଥ ଏସଏସଡି ହାଇ ସ୍କୁଲରେ ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ମୋହିନୀ ଦଳପତି ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥିଭାବେ ସିଆଇଅଫ ସ୍କୁଲ ଏସଏସଡି ବିଭାଗ ପରାମଣି ମୁର୍ମୁ, ମୁଖ୍ୟବକ୍ତା ଭାବେ ଝାରବନ୍ଧ ମହାବିଦ୍ୟାଳୟ ଅବସରପ୍ରାପ୍ତ ପ୍ରିନସିପାଲ ସାନନ୍ଦ ସାହୁ, ସମ୍ମାନିତ ଅତିଥିଭାବେ ବିଇଓ ପାଇକମାଲ ଚୂଡ଼ାମଣି ବାରିକ, ବିଇଓ ସିନାପାଲି ଯତୀନ୍ଦ୍ର ସେଠ, ସମାଜସେବୀ ବଡ ଶତପଥି, ସ୍କୁଲ କମିଟି ଅଧ୍ୟକ୍ଷ ଅଶ୍ୱିନୀ ସାହୁ, ସୁବାସ ନାୟକ, ପ୍ରକୃତି ବନ୍ଧୁ ବିଭୁତି ମୁଣ୍ଡ, ଅବସରପ୍ରାପ୍ତ ଡାକ୍ତର ପ୍ରଫୁଲ୍ଲ ବାରିକ ଯୋଗ ଦେଇଥିଲେ। ଉତ୍ସବ ଭୁଏ ଉଦ୍ଦେଶ୍ୟ ଜ୍ଞାପନ, ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଜୟ ଶଙ୍କର ଦେହୁରୀ ପରିଚାଳନା କରିଥିଲେ। ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।



## ପରିବାରକୁ ସହାୟତାର ପ୍ରତିଶ୍ରୁତି

**ପଦ୍ମପୁର, ୨୩।୧(ସମିସ):** ପଦ୍ମପୁର ଉପଖଣ୍ଡ ସରେଇକେଲା ଗାଁର ପ୍ୟାରୀ ପୋଡ଼ଙ୍କ ପୁଅ ଓ ସ୍ତ୍ରୀ ରୋଗାକ୍ରାନ୍ତ ହେବା ପରେ ଦୁହିଁଙ୍କ ଯତ୍ନ ନେବା, ସାନପୁଅର ପାଠପଢ଼ା ପାଇଁ ଅର୍ଥାଭାବ ଥିଲା। ଏହାପରେ ପ୍ରଶାସନ ତରଫରୁ ପଦ୍ମପୁର ତହସିଲଦାର ବିପିନ ପ୍ରଧାନ ରୋଗୀଣା ସ୍ତ୍ରୀ ଓ ପୁଅଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ତଥ୍ୟ ସଂଗ୍ରହ ସହିତ ପ୍ୟାରୀ ଓ ତାଙ୍କ ସ୍ତ୍ରୀଙ୍କ ବ୍ୟାଙ୍କ ଖାତା ନମ୍ବର ନେଇଥିଲେ। ଆବଶ୍ୟକ ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି ତହସିଲଦାର ଶ୍ରୀ ପ୍ରଧାନ ପ୍ରତିଶ୍ରୁତି ଦେଇଛନ୍ତି।

## ବିକାଶ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସରେ 'ଶ୍ରୀରାମ ଉତ୍ସବ'

**ବରଗଡ଼, ୨୩।୧(ସମିସ):** ବିକାଶ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ସ ଅନ୍ତର୍ଗତ ବିକାଶ ଉଚ୍ଚ ଶିକ୍ଷା କ୍ୟାମ୍ପସରେ 'ଅଯୋଧ୍ୟା ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ମହୋତ୍ସବ' ଉପଲକ୍ଷେ ଏକ ଭବ୍ୟ କାର୍ଯ୍ୟକ୍ରମର ସଫଳ ଆୟୋଜନ ହୋଇଯାଇଛି। ଶହ ଶହ ଛାତ୍ରଛାତ୍ରୀ ୪,୧୧୬ ଦୀପ ମାଧ୍ୟମରେ ଜୟ ଶ୍ରୀରାମ' ନାମ ପ୍ରଜ୍ୱଳନ କରିଥିଲେ। ବିକାଶ ଗ୍ରୁପର ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ଡି. ନାଗେଶ୍ୱର ରାଓ ଉପସ୍ଥିତ ଥିଲେ। ପଡିଆରେ ୯ ଫୁଟ୍ ଉଚ୍ଚ ଶ୍ରୀରାମଙ୍କ ଶୋଭନୀୟ ପ୍ରତିମା ସମ୍ମୁଖରେ ପୂଜାର୍ଚ୍ଚନା ପରେ କୁନି କୁନି ଛୁଆଙ୍କ ଦ୍ୱାରା ପ୍ରଦର୍ଶିତ 'ରାମ କଥା' ଏବଂ 'ରାମାୟଣ' ଫ୍ୟାନ୍ସି ଡ୍ରେସ୍ ପ୍ରତିଯୋଗୀତା ସମସ୍ତଙ୍କ ମନ ଛୁଇଁଥିଲା। ସାମୂହିକ ଭାବରେ ହନୁମାନ ଚାଲିଶା ପାଠ କରାଯାଇଥିଲା। ବିକାଶ ଉଚ୍ଚ ଶିକ୍ଷା ବିଭାଗର ସମସ୍ତ ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷଙ୍କ ତତ୍ତ୍ୱାବଧାନ ଏବଂ ସଂଯୋଜନାରେ ଅଧାପକ ଅଧାପିକା, କର୍ମଚାରୀ ଏବଂ ଶହ ଶହ ଛାତ୍ରଛାତ୍ରୀଙ୍କ ଦ୍ୱାରା କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା।



# ଜାତୀୟ ଶିଶୁକନ୍ୟା ଦିବସ ପାଳିତ

**ପାଇକମାଲ/ଅମ୍ବାଭୋନା, ୨୩।୧(ସମିସ)**

ଯମୁନା କାନ୍ଧୁଣୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବ୍ଲକ୍‌ସ୍ତରୀୟ ଜାତୀୟ ବାଳିକା ଦିବସ " ପାଳନ ହୋଇ ଯାଇଛି । ଏହି ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିଲେ ନୂଆପଡା ଜିଲ୍ଲା ସିନାପାଲି ବ୍ଲକ ଶିକ୍ଷା ଅଧିକାରୀ ଜିତେନ୍ଦ୍ର କୁମାର ସେଠ ଏବଂ ପାଇକମାଳ ବ୍ଲକ ଶିକ୍ଷା ଅଧିକାରୀ ଚୂଡ଼ାମଣି ବାରିକ । ମୁଖ୍ୟ ବକ୍ତା ଥିଲେ ପୂର୍ବ୍ବତନ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ପ୍ରେମାନନ୍ଦ ବାରିକ । ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଶିକ୍ଷା ଅଧିକାରୀ ରାଧେଶ୍ୟାମ ମେହେର, ଶିକ୍ଷକ ଡୋଲାମଣୀ ମାହାର, ଅବସର ପ୍ରାପ୍ତ ଶିକ୍ଷକ ପ୍ରଶାନ୍ତ କୁମାର ସାହୁ, ଦାମୋଦର କନ୍ଧେର, ଶୁକଦେବ ମହାନନ୍ଦ । ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ପଣ୍ଡା କାଯ୍ୟକ୍ରମ ର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ସେବକ ସେଠ ସଭା ପରିଚାଳନା କରିଥିଲେ । ଶିକ୍ଷୟତ୍ରୀ ଅନିମା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ଜାତୀୟ ବାଳିକା ଦିବସ ପାଳନ ଅବସର ରେ ସିନିୟର ଏବଂ ଜୁନିୟର ସ୍ତରରେ ବିଭିନ୍ନ ପ୍ରତିଯୋଗିତା ମାନ ଅନୁଷ୍ଠିତ ହୋଇଥିଲା ଜୁନିୟର ଗ୍ରୁପ ରେ ସଂଗୀତ ପ୍ରତିଯୋଗିତା ରେ ହିମାଦ୍ରୀ ସାହୁ ପ୍ରଥମ ଲକ୍ଷ୍ମୀପ୍ରିୟା ସାହୁ ଦ୍ଵିତୀୟ ଲିନା ଭୋଇ ତୃତୀୟ ଭାଷଣ ରେ ଲକ୍ଷ୍ମୀ ମେହେର ପ୍ରଥମ, ବରୁଣିମା ବଡ଼େଇ ଦ୍ଵିତୀୟ, ପ୍ରତିଭା ବଡ଼େଇ ତୃତୀୟ ନୃତ୍ୟ ରେ ଦିବ୍ୟଶିଖା ବାରିକ, ପ୍ରଥମ,ଲକ୍ଷ୍ମୀପ୍ରିୟା ରାଉତ, ଦ୍ଵିତୀୟ, ପ୍ରତିଭା ବଡ଼େଇ ତୃତୀୟ,ସିନିୟର ଗ୍ରୁପ ସଂଗୀତ ରେ ପୂଜା ସୁନା, ପ୍ରଥମ, ମୂଷକାନ ପଟେଲ, ଦ୍ଵିତୀୟ, ପାୟଲ ଭୋଇ ତୃତୀୟ ନୃତ୍ୟ ରେ ପ୍ରିୟାରାଣୀ




ଦାସ ପ୍ରଥମ, ହିମାନୀ ପ୍ରଧାନ ଦ୍ଵିତୀୟ, କାଜଲ ଭୋଇ ତୃତୀୟ, ଭାଷଣ ରେ ସଂଗୀତା ସାହୁ, ପ୍ରଥମ, ପ୍ରିୟାରାଣୀ ଦାସ ଦ୍ଵିତୀୟ କାଜଲ ଭୋଇ, ତୃତୀୟ ସ୍ଥାନ ରେ ମନୋନୀତ ହୋଇଛନ୍ତି । ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀ ମାନେ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତା କୁ ଯିବେ ବୋଲି ବିଏଓ ଶ୍ରୀ ବାରିକ ସୂଚନା ଦେଇଛନ୍ତି ।

ଅମ୍ବାଭୋନା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରେ ବ୍ଲକସ୍ତରୀୟ ଜାତୀୟ ଶିଶୁକନ୍ୟା ଦିବସ ଅବସରରେ ବ୍ଲକ ଶିକ୍ଷାଧିକାରୀ ଭାବନା ସାହୁ ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବରେ ସହଗୋଷ୍ଠୀ ଶିକ୍ଷାଧିକାରୀ ଲାଲମୋହନ ସିଂ, ସହଗୋଷ୍ଠୀ ଶିକ୍ଷାଧିକାରୀ ମୋହନ ଚରଣ ମହାନ୍ତ, ପଞ୍ଚାୟତ ହାଇସ୍କୁଲ, କଣ୍ଡପଲାର ପୂର୍ବତନ ପ୍ରଧାନଶିକ୍ଷକ ସନୁ ପଧାନ, ପୁରୁଷୋତ୍ତମ୍ ହାଇସ୍କୁଲର ପ୍ରଧାନଶିକ୍ଷକ ସୁଲଳିତ ପାତ୍ର, ଜଗନ୍ନାଥ ସାଂସ୍କୃତିକ କଳା ପରିଷଦର ରବି ବେହେରା ଓ ଥଣ୍ଡାରାମ ପ୍ରଧାନ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ ୩୨ଜଣ ଛାତ୍ରୀ ଅଂଶଗ୍ରହଣ କରିଥିଲେ। କନିଷ୍ଠ ତର୍କ ପ୍ରତିଯୋଗିତାରେ ବ୍ଲକ କଲୋନୀ ପ୍ରାଥମିକ ବିଦ୍ୟାଳୟର ଜାଗୃତି ପଟେଲ ପ୍ରଥମ, କେଦାରନାଥ ଆଦିବାସୀ ଉଚ୍ଚ ବିଦ୍ୟାଳୟର ଶୀତଳ ପଟେଲ ଦ୍ୱିତୀୟ ଓ ବର୍ଷା ଦେହେରୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏକକ ନୃତ୍ୟ ପ୍ରତିଯୋଗିତାରେ ବଡ଼ଦର୍ଲପାଲି ସେବାଶ୍ରମ ସ୍କୁଲର ଅଙ୍କିତା ଷଣ୍ଢ ପ୍ରଥମ, ଓଡିଶା ଆଦର୍ଶ ବିଦ୍ୟାଳୟର ପ୍ରାଚୀସ୍ମିତା ବାଗ ଦ୍ୱିତୀୟ ଓ ବ୍ଲକ କଲୋନୀ ପ୍ରାଥମିକ ବିଦ୍ୟାଳୟର ନନ୍ଦିନୀ ସା ତୃତୀୟ ସ୍ଥାନ ଅଧିକାର କରିଥିଲେ। ସଙ୍ଗୀତ ପ୍ରତିଯୋଗିତାରେ ପୂଜା ଛୁରା ପ୍ରଥମ ଓ ଦିର୍ସପାଲ ପଟେଲ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ବରିଷ୍ଠ ତର୍କ ପ୍ରତିଯୋଗିତାରେ ଉତ୍ତମ ହାଇସ୍କୁଲର ହୀନା ଖମାରୀ, କେଦାରନାଥ ଆଦିବାସୀ ହାଇସ୍କୁଲର ମୋନିକା ପ୍ରଧାନ ଓ ଦ୍ୱାରିକାଧିଶ ହାଇସ୍କୁଲର ସରିତା ରଣା ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସଙ୍ଗୀତ ପ୍ରତିଯୋଗିତାରେ ହୀରାଧର ହାଇସ୍କୁଲର ଲିପସା ଖମାରୀ ପ୍ରଥମ ଓ ହସିନା ଦୁଆନ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଏକକ ନୃତ୍ୟ ପ୍ରତିଯୋଗିତାରେ ଜନତା ସରକାରୀ ଉଚ୍ଚ ବିଦ୍ୟାଳୟର ଗୌରୀ ମହାପାତ୍ର, ପ୍ରକାଶିନୀ ଷଣ୍ଢ ଓ ରାଜେଶ୍ୱରୀ ପାତିକର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସିଆରସିସିଙ୍କ ମଧ୍ୟରେ କେଦାର ନାଏକ, ପୁନିରାମ ଗଣ୍ଡ, ଚୌଧୁରୀ ପାତ୍ର, ରାମେଶ୍ୱର ଭୋଇ, ଶିକ୍ଷକ ସଂଜୟ ଖମାରୀ, ଜନକରାମ ବାରିକ ଉପସ୍ଥିତ ଥିଲେ। ସିଆରସିସି ପୁନିରମ୍ ଗଣ୍ଡ ପରିଚାଳନା କରିଥିବା ବେଳେ ଜନତା ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ସଞ୍ଜୟ ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଜୟନ୍ତୀରେ ଦୁଇ ବୀର ସଂଗ୍ରାମୀଙ୍କୁ ସ୍ମରଣ





**ଝାରସୁଗୁଡ଼ା/ବ୍ରଜରାଜନଗର/କୋଲାବିରା, ୨୩ା୧(ସମିସ)**

ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଅବସରରେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦର ମୁଖ୍ୟ ପ୍ରବେଶ ପଥରେ ଥିବା ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ଜିଲ୍ଲାପାଳ ଅବୋଲି ସୁନିଲ ନରୱଣେ ମାଲ୍ୟାର୍ପଣ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ, ବିମାନ ବନ୍ଦର ନିର୍ଦ୍ଦେଶକ ସନ୍ଦୀପ ତିୱାରୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ ବିଶ୍ୱକେଶନ ପାଣ୍ଡେ, ଜିଲ୍ଲା କ୍ରୀଡ଼ା ସଂଘ ସାଧାରଣ ସମ୍ପାଦକ ତାପସ ରାୟ ଚୌଧୁରୀ, ପ୍ରଫେସର ଟହଲୁ ସାହୁ, ଚ୍ୟାମ୍ବର ଅଫ କମର୍ସ ସଭାପତି ହୀରାଲାଲ ଲୋକଚନ୍ଦାନି, ବିମାନ ବନ୍ଦର ଟର୍ମିନାଲ ମ୍ୟାନେଜର ପ୍ରତାପ ନାମ୍ବିଆର ଓ ପ୍ରଶାନ୍ତ ନନ୍ଦଙ୍କ ସମେତ ସହରର ବୁଦ୍ଧିଜୀବୀ, ସମାଜସେବୀ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମକର୍ତ୍ତା ମାଲ୍ୟାର୍ପଣ କରିଥିଲେ ।
ସେହିପରି ବୀର ସୁରେନ୍ଦ୍ର ସାଏ ପ୍ରତିମୂର୍ତ୍ତିରେ ଝାରସୁଗୁଡ଼ା ବିଧାୟିକା ସୁଶ୍ରୀ ଦୀପାଳି ଦାସ ମାଲ୍ୟାର୍ପଣ କରିଛନ୍ତି।







ଏହି ଦୁଇ ପୁଣ୍ୟାତ୍ମାଙ୍କ ଜନ୍ମତିଥି ଅବସରରେ ବିଜେଡି ଜିଲ୍ଲା ସଭାପତି ରବି ସିଂ, ଝାରସୁଗୁଡ଼ା ପୌର ପରିଷଦ ଉପାଧ୍ୟକ୍ଷ ବେଣୁଗୋପାଲ ପାଣିଗ୍ରାହୀ, ବରିଷ୍ଠ ବିଜେଡି ନେତା ହରିଶ ଗନତ୍ରା, ରଘୁମଣି ପଟେଲ, ପ୍ରତାପ ନନ୍ଦ, ପିଣ୍ଟୁ ପାଢୀ, ମଦନ ହାତୀ, ଚିରଞ୍ଜିବୀ ପତି, ନୀଳାମ୍ବର ଦଣ୍ଡସେନା, ସରିତା ଅଗ୍ରୱାଲ, ରିଙ୍କି କୋର, ଲକ୍ଷ୍ମୀ ଥାପା, ଲିପୁନ ମହାପାତ୍ର, ଫକିର ସିଂ, କୁନୁ ସ୍ୱାଇଁଙ୍କ ସହ ଶତାଧିକ ବିଜୁ ଜନତା ଦଳର କର୍ମୀ ଉପସ୍ଥିତ ଥିଲେ।
ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ଗୁମାଡେରା ଆଞ୍ଚଳିକ ଜନକଲ୍ୟାଣ ପରିଷଦ ପକ୍ଷରୁ ଗୁମାଡେରାସ୍ଥିତ ବୀରଭୂମିଠାରେ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁଭାଷଚନ୍ଦ୍ର ବୋଷଙ୍କ ଜୟନ୍ତୀ ସହ ଅନୁଷ୍ଠାନର ରୌପ୍ୟ ଜୟନ୍ତୀ ସମାରୋହ ମଙ୍ଗଳବାର ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରୁ ବୀରଭୂମିଠାରେ ସ୍ଥାପିତ ସଂଗ୍ରାମୀ ଶ୍ରୀ ସାଏ ଓ ଶ୍ରୀ ବୋଷଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଆଞ୍ଚଳିକ ଜନକଲ୍ୟାଣ ପରିଷଦର ସଭାପତି ତେଜରାମ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୌର ଉପାଧକ୍ଷା ରୀନା ସୁନା, ସମାଜସେବୀ ବିରଞ୍ଚି ସାହୁ, ଅଜୟ କୁମାର ଭ୍ରମରବର ରାୟ, ବିଜେଡି ରାଜ୍ୟ ସମ୍ପାଦକ ମଙ୍ଗଳ ସାହୁ, ଆରସେଟି ତାଲିମ କେନ୍ଦ୍ରର ନିର୍ଦ୍ଦେଶକ ରାଜକୁମାର ସାହୁ, ପୌର କାଉନସିଲର କହ୍ନେଇ ଚରଣ ସେଠ, ବିଭୀଷଣ ରାଉତ, ଶକୁନ୍ତଳା ମହନ୍ତ, ସୁମନ୍ତି କିଷାନ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ପଣ୍ଡିତ ରଘୁନାଥ ନାୟକ ସଭାକାର୍ଯ୍ୟକୁ ପରିଚାଳନା କରିଥିବାବେଳେ ଇର୍ଶାଦ ହୁସେନ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟତମ ଅତିଥି ଭାବରେ ସୁରେନ୍ଦ୍ର ଭୋଇ, କିଶୋର ସାହୁ, ଗୋପୀନାଥ ବେହେରା, ସତ୍ୟ ପ୍ରକାଶ ମହାନ୍ତି, ପ୍ରମୋଦ ସେନାପତି, ଶମ୍ଭୁ ମହାନ୍ତି, ଜେନାମଣି ସେଠ, କୈଳାଶ ନାଏକ, ଯୁଧିଷ୍ଠିର ମୁଖୀ, ନିରଞ୍ଜନ ତ୍ରିପାଠୀ, ସଞ୍ଜୟ ସିଂ, ଭାସ୍କର ପଟେଲ, ଦିଲୀପ ସେନ, ସୁରେଶ ପ୍ରଧାନ ପ୍ରମୁଖ ସାମିଲ ରହିଥିଲେ। ଆୟୋଜକ ଗୁମାଡେରା ଆଞ୍ଚଳିକ ଜନକଲ୍ୟାଣ ପରିଷଦର ସଭାପତି ତେଜରାମ ପ୍ରଧାନ, ଉପସଭାପତି ଶାନ୍ତନୁ ସିଂ, ସାଧାରଣ ସମ୍ପାଦକ ଇର୍ଶାଦ ହୁସେନ, ସହସମ୍ପାଦକ ପୀତାମ୍ବର ମେହେର, କୋଷାଧ୍ୟକ୍ଷ ଥବୀର କାଲୋଙ୍କ ସମେତ ଭଦ୍ର ବିଶ୍ୱାଳ, ଜନ୍ମାଜୟ ପ୍ରଧାନ, ଶହଦେବ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ପୌର ପରିଷଦ ପକ୍ଷରୁ ବୀର ଭୂମିରେ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ନିର୍ବାହ କରାଯାଇଥିବାରୁ ବେଲପାହାଡ଼ ନଗରପାଳ ନିମାଇଁ ଚରଣ ପଣ୍ଡାଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଥିଲା।



ବ୍ରଜରାଜନଗରଜି ଓରିଏଣ୍ଟ ଏରିଆ ଷ୍ଟାଫ୍ କ୍ଲବରେ ବ୍ରଜରାଜନଗର ସର୍କଲ ପ୍ରାଥମିକ ଶିକ୍ଷକ ସଂଘ ଆନୁକୂଲ୍ୟରେ ନେତାଜୀ ସୁଭାଷଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳନ ଅବସରରେ ବ୍ରଜରାଜନଗର ସର୍କଲସ୍ତରୀୟ ଅବସର ଗ୍ରହଣ କରିଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ଓ କୃତୀ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ ସମାରୋହ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଝାରସୁଗୁଡ଼ା ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ଉପଦେଷ୍ଟା ବରିଷ୍ଠ ଶିକ୍ଷାବିତ ପ୍ରଶାନ୍ତ କୁମାର ପାଟଯୋଶୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୀରସୁରେନ୍ଦ୍ର ସାଏ ଓ ନେତାଜୀ ସୁବାଷ ବୋଷ ଜୟନ୍ତୀ ଏବଂ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତି ଯୋଗ ଦେଇଥିଲେ। ଓପିଏମ ଗାଇଡ ଶିକ୍ଷୟିତ୍ରୀ ପ୍ରତିଭା ମହାପାତ୍ରଙ୍କ ତତ୍ୱାବଧାନରେ ଗାଇଡ ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ସ୍ୱତନ୍ତ୍ର ଅତିଥି ଭାବରେ ଝାରସୁଗୁଡ଼ା ବ୍ଲକ୍ ଶିକ୍ଷାଧିକାରୀ ଯଶୋବନ୍ତ ସାହୁ, ମୁଖ୍ୟବକ୍ତା ଡ. ଶିବପ୍ରିୟା ମିଶ୍ର, ସମ୍ମାନିତ ଅତିଥି ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁଶାନ୍ତ ହୋତା, ରବୀନ୍ଦ୍ର ସାହୁ, ଅଜୟ ପାଟଯୋଶୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଲଖନପୁର ହେମାସାଗର ଚୌଧୁରୀ, ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ସାଧାରଣ ସମ୍ପାଦକ ରାଜକିଶୋର ଜେନା, ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ପ୍ରମୋଦ ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। ବିଗତ ଦିନରେ ଅବସର ନେଇଥିବା ୧୫ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।
ସମାସିଂହା ପ୍ରଗତୀ ସଂଘ ଆନୁକୂଲ୍ୟରେ ଦୁର୍ଗା ମଣ୍ଡପରେ ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁଭାଷଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପୂର୍ବତନ ସରପଞ୍ଚ ତୁଳାରାମ ସେନାପତି ମୁଖ୍ୟଅତିଥି ଭାବେ ବୀର ସୁରେନ୍ଦ୍ର ସାଏଙ୍କ ସହିତ କୋଲାବିରାର ପୂର୍ବତନ ଜମିଦାର କରୁଣାକରସିଂ ଗଡ଼ର୍ତିଆଙ୍କ ସ୍ମୃତିଚାରଣ କରିଥିଲେ। ସରପଞ୍ଚ କରୁଣାକର ସେଟ୍ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସଂଘର ସଭାପତି ମନୋଜ କାଲୋ, ଯୋଗେଶ୍ୱର ସେନାପତି, ପ୍ରକାଶ ସାହୁ, ନିରଞ୍ଜନ ସେନାପତି, ଭୀଷ୍ମଦେବ ପଟେଲ, ମଦନ ମୋହନ ପଟେଲ, ଗୁରୁଚରଣ ସାହୁ, ଓଁଙ୍କାରମଲ ସାହୁ, ଦିଲୀପ ସେନାପତି, ବିଜୟ ନାଏକ, ସରୋଜ ପଟେଲ ଅତିଥି ଭାବରେ ଯୋଗ ଦେଇଥିଲେ। ସଂଘର ଅନ୍ୟାନ୍ୟ ସଦସ୍ୟ ଓ ଗ୍ରାମବାସୀ ଯୋଗଦାନ କରିଥିଲେ। ଏହି ଅବସରରେ ଏକ ଭବ୍ୟ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରାଯାଇଥିଲା। ଶୋଭାଯାତ୍ରାରେ ଦୁଲଦୁଲି ବାଦ୍ୟ ସାଙ୍ଗକୁ ପାରମ୍ପରିକ ଯୁଦ୍ଧ କଳାକୌଶଳ ପ୍ରଦର୍ଶନ କରାଯାଇଥିଲା।
କରୁଣାକର ସ୍ମୃତି ଟ୍ରଷ୍ଟ ତଥା ଜୟପୁର ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଯାତ୍ରା ପଡ଼ିଆରେ ଅନୁଷ୍ଠିତ ଉତ୍ସବରେ କୋଲାବିରା ଜମିଦାର ବୀର ଅମରେନ୍ଦ୍ର ପ୍ରତାପ ସିଂ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ବରିଷ୍ଠ ନାଗରିକ ସୁରେନ୍ଦ୍ର ଟଣକାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଟ୍ରଷ୍ଟର କୋଷାଧ୍ୟକ୍ଷ କୀର୍ତିଚନ୍ଦ୍ର ବହିଦାରଙ୍କ ସମେତ ଆଇନଜୀବୀ ପ୍ରକାଶ ହୋତା, ପ୍ରଧାନ ଶିକ୍ଷକ ଲଳିନ୍ଦ୍ର ଗୋଖରା, ଜଜାତି କେଶରୀ ବେହେରା, ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ନରେନ୍ଦ୍ର ଭୋଇ, ସ୍ମୃତିରଞ୍ଜନ ରାଏ, ମନୋଜ କୁମୁରା, କାହ୍ନା ନେଟୀ, ବିଦ୍ୟାଧର ଭଇଁଷା, ରିଙ୍କୁ ସିଂହ, ପରମେଶ୍ୱର ନାଏକ ପ୍ରମୁଖ ଯୋଗଦାନ କରିଥିଲେ। ସ୍ୱେଚ୍ଛାସେବୀ ରବୀନ୍ଦ୍ର ଟଣକାର ଧନ୍ୟବାଦ ଅର୍ପଣ କରିଥିଲେ। ଏକ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରାରମ୍ଭରେ ଦୁଇ ମହାନ ବୀରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କକରାଯାଇ ସ୍ମୃତିଚାରଣ କରାଯାଇଥିଲା।

## ଦୁଇ ସଂଗ୍ରାମୀଙ୍କ ଜୟନ୍ତୀରେ ପ୍ରଦର୍ଶିତ ହେଲା 'ମାଟିର ପୁତା'

**ଝାରସୁଗୁଡ଼ା, ୨୩ା୧(ସମିସ):** ଝାରସୁଗୁଡ଼ା ଜିଲା ବେଲପାହାଡ଼ ମିରର ଥିଏଟର ପକ୍ଷରୁ ଗୁମାଡେରା ମାଳିପଡ଼ାସ୍ଥିତ ନିଜସ୍ୱ ମଞ୍ଚରେ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁଭାଷଚନ୍ଦ୍ର ବୋଷଙ୍କ ଜୟନ୍ତୀ ଅବସରରେ ମଙ୍ଗଳବାର ସନ୍ଧ୍ୟାରେ ନାଟକ 'ମାଟିର ପୁତା' ପ୍ରଦର୍ଶିତ ହୋଇଯାଇଛି। ମିରର ଥିଏଟର ନିର୍ଦ୍ଦେଶକ ସୁବାସଚନ୍ଦ୍ର ପ୍ରଧାନଙ୍କ ରଚନା ଓ ନିର୍ଦ୍ଦେଶନାରେ ନାଟକ ପ୍ରଦର୍ଶିତ ହୋଇଥିଲା। ପ୍ରଥମ କରି ଏହି ନାଟକ ବୁକ ମାଏ ସୋରେ ଅନଲାଇନ୍ ମାଧ୍ୟମରେ ଟିକେଟ ଉପଲବ୍ଧ ରହିଥିଲା। ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ସଂଘର୍ଷମୟ କାହାଣୀ ଉପରେ ଆଧାରିତ ଏହି ନାଟକରେ ମୁଖ୍ୟ ନାୟକ ତଥା ବୀର ସୁରେନ୍ଦ୍ର ସାଏଙ୍କ ଭୂମିକାରେ ଚିନ୍ତାମଣି ମେହେରଙ୍କ ସମେତ ଅମରେନ୍ଦ୍ର ପ୍ରତାପ ସିଂ, ଯୁବରାଜ ସିଂ, ମନୋରଞ୍ଜନ ନାୟକ, ସବିତା ଦାଶ, ସୌଭାଗ୍ୟ ରଞ୍ଜନ ସାହୁ, କାହ୍ନା ବଗାର, ଲବ ପ୍ରଧାନ, ଅର୍ଜୁନ ବଞ୍ଚୋର, ସୁଜିତ ହରିପାଲ, ସାହିଲ ସୁନା ଓ ଅର୍ବାଜ ଖାନ ବିଭିନ୍ନ ଭୂମିକାରେ ଅଭିନୟ କରିଥିବା ବେଳେ ରୂପସଜ୍ଜାରେ ଆଲୋକ ମହାକୁଡ଼, ଆଲୋକରେ ସନ୍ତୋଷ ସାହୁ, ପୋଷାକରେ ସୋନିଆ ବେହେରା, ସଂଗୀତରେ ଗୌରୀଶଙ୍କର କୁମ୍ଭାର, ବିନୟ ପ୍ରଧାନ, ଲବ ପ୍ରଧାନ ସହଯୋଗ କରିଥିଲେ। ଏଥିରେ ଅତିଥି ଭାବେ ପୌର କାଉନସିଲର ବିଭୀଷଣ ରାଉତ, ବିଜେଡି ରାଜ୍ୟ ସମ୍ପାଦକ ମଙ୍ଗଳ ସାହୁ, ଆଞ୍ଚଳିକ ଜନକଲ୍ୟାଣ ପରିଷଦର ସଭାପତି ତେଜରାମ ପ୍ରଧାନ, ସାଧାରଣ ସମ୍ପାଦକ ଇର୍ଶାଦ ହୁସେନ ପ୍ରମୁଖ ଯୋଗଦାନ କରିଥିଲେ। ମିରର ଥିଏଟରର ଜେନାମଣି ସେଠ, ଅଭିମନ୍ୟୁ ସା, ଡ଼ା ଦିଲୀପ ନାଏକ, ସନ୍ତୋଷ ସାହୁ, ସରୋଜ ମିର୍ଦ୍ଧା, ପରମେଶ୍ୱର ମରେଇ, ସୁଶାନ୍ତ ମହାରଣା, ମନୋଜ ମେହେର, ଆରତୀ ବଇଗା, ଆୟୁଶି ପଟ୍ଟନାୟକ, ସ୍ୱଭାବ ରାଓ, ଭବେଶ ପ୍ରଧାନ, ରୋହନ ସିଂଦେଓ, ସାହିଲ ଭଇଁଶାଲ ପ୍ରମୁଖ ସହଯୋଗ କରିଥିଲେ। ସନ୍ତୋଷ ସାହୁ ଓ ଡ଼ା. ଦିଲୀପ ନାଏକ ମଞ୍ଚ ପରିଚାଳନା କରିଥିବା ବେଳେ ସୁଶାନ୍ତ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

### ବନ୍ଧବାହାଲ ଧନୁଯାତ୍ରାର ପଞ୍ଚମ ସନ୍ଧ୍ୟା

## କଂସର ଷଣ୍ଢାଶୁର ପ୍ରେରଣ, ରାଣୀ ପଦ୍ମାବତୀଙ୍କ ଧନଶ୍ରୀ ଓଷା

**ଝାରସୁଡ଼ା/ବନ୍ଧବାହାଲ, ୨୩ା୧(ସମିସ):** କଳାହୀରାର ନଗରୀ ବନ୍ଧବାହାଲରେ ଅନୁଷ୍ଠିତ ହେଉଛି ଧନୁଯାତ୍ରା। ବନ୍ଧବାହାଲ କଲୋନୀ ପାଲିଟିଛି ମଥୁରା ନଗରୀ, ବନ୍ଧବାହାଲ ଗାଁ ପାଲିଟିଛି ଗୋପପୁର। ସକାଳୁ ସନ୍ଧ୍ୟା ଯାଏ ବିଭିନ୍ନ ସ୍ଥାନରେ ଧନୁଯାତ୍ରାର ବିଭିନ୍ନ ଦୃଶ୍ୟ ଅଭିନୀତ ହେଉଛି। ଗୋପପୁରରେ କୃଷ୍ଣ ବଳରାମ ପାରମ୍ପରିକ ଲଉଡ଼ି ଖେଳ ସାଥୀମାନଙ୍କ ସହ ଖେଳିଥିଲେ। ଏହାକୁ ଦେଖିବା ପାଇଁ ବହୁ ଲୋକଙ୍କ ଭିଡ଼ ହୋଇଥିଲା। ଦହିଚୋରି କରି ଖାଇବା ସହ ଅଷ୍ଟମଲ୍ଲ ବଧ ଅଭିନୀତ ହୋଇଛି। ଏହାପରେ କଂସ ମର୍ମାହତ, ଧନଶ୍ରୀ ଓଷାର ଆଲୋଚନା, କଂସ ଏବଂ ଜରାସନ୍ଧ ମଧ୍ୟରେ ଯୁଦ୍ଧ, ଜରାସନ୍ଧଙ୍କ ଝିଅ ହେତୀ ପ୍ରହେତୀ ସହିତ କଂସର ବିବାହ ଦୃଶ୍ୟ ଅଭିନୀତ ହୋଇଛି। କଂସଙ୍କର ରାଜଅତିଥି ଭାବେ ଆରଟିଓ ଦୀନବନ୍ଧୁ ଶୁଣ୍ଡି, ଝାରସୁଗୁଡା ଓକିଲ ସଙ୍ଘ ସଭାପତି ତ୍ରିନାଥ ଗୁଆଲ, ମହିଳା କମିଶନ ସଦସ୍ୟା ସୁଜାତା ଦିଗଲ, ବନ୍ଧବାହାଲ ଟ୍ରକ ୟୁନିଅନ ସମ୍ପାଦକ ସନ୍ତୋଷ ମହାନ୍ତି ଯୋଗ ଦେଇଥିଲେ। ଖିରୋଦ ପ୍ରଧାନଙ୍କ ସଭାପତିରେ କଂସ ଦରବାର ପରଚାଳିତ ହୋଇଥିଲା। କମିଟି ସଦସ୍ୟ ପ୍ରସନ୍ନ ପ୍ରଧାନ, ପ୍ରଦୀପ କରାଲି, କୃଷ୍ଣଚନ୍ଦ୍ର ସିଂ, ରବୀନ୍ଦ୍ର ସିଂହ, ଦୁବରାଜ ସିଂହ , ଘନଶ୍ୟାମ ସିଂହ ଉପସ୍ଥିତ ଥିଲେ।



## ଗଞ୍ଜେଇ କାରବାରରେ ୨ ଗିରଫ



**ଦେବଗଡ଼, ୨୩ା୧(ସମିସ):** ଦେବଗଡ଼ ଅବକାରୀ ବିଭାଗ ପକ୍ଷରୁ ଦେବଗଡ଼ ଥାନା ଅଧୀନ ବଳମ ଓ କଣ୍ଢେଲ ଗ୍ରାମରେ ଚଢଉ କରାଯାଇ ୫କିଲୋ ବେଆଇନ ଗଞ୍ଜେଇ ଜବତ କରାଯିବା ସହ ୨ ଜଣଙ୍କୁ ଗିରଫ କରାଯାଇଛି। ଏମାନେ ହେଲେ କଣ୍ଢେଲ ଗ୍ରାମର ଜଗନ୍ନାଥ ବେହେରା (୮୩) ଓ ବଳମ ଶାସନସାହିର ଯାତ୍ରାକର ପ୍ରଧାନ (୪୨)। ଏମାନେ ବେଆଇନ ଗଞ୍ଜେଇ କାରବାର କରୁଥିବା ସୂଚନା ପାଇ ଅବକାରୀ ଇନ୍ସପେକ୍ଟର ମଧୁସୂଦନ ସାହୁ ସଦଳବଳ ଚଢଉ କରିଥିଲେ। ଜଗନ୍ନଥଙ୍କ ଘରୁ ୩କିଲୋରୁ ଉର୍ଦ୍ଧ୍ୱ ବେଆଇନ ଗଞ୍ଜେଇ ଓ ନଗଦ ୨୫ ହଜାର ଟଙ୍କା ବାହାରିଥିଲା। ଯାତ୍ରାକର ଘରୁ ୨ କିଲୋ ଓଜନର ବେଆଇନ ଗଞ୍ଜେଇ ମିଳିଥିଲା। ବାରକୋଟ ଅବକାରୀ ସବ ଇନ୍ସପେକ୍ଟର ସୀମା କିରେଇ, ଶଶୀକାନ୍ତ ରାଉତ, ଏଏସ୍ଆଇ ରଜନୀ ମିଞ୍ଜ ଓ ପ୍ରହ୍ଲାଦ କିସାନ ପ୍ରମୁଖ ଚଢଉ କରିଥିଲେ।

## ପାଲା ଗାୟକ ବିମ୍ବାଧର ସାହୁଙ୍କ ପରଲୋକ

**ଦେବଗଡ଼, ୨୩ା୧(ସମିସ):** ଦେବଗଡ଼ ଜିଲ୍ଲାର ଜଣାଶୁଣା ପାଲା ଗାୟକ ତଥା ଡେରାପଥର ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ବିମ୍ବାଧର ସାହୁଙ୍କ ୭୮ ବର୍ଷ ବୟସରେ ଦେହାନ୍ତ ଘଟିଛି। କେନ୍ଦୁଝର ଜିଲ୍ଲା ବଡବିଲରେ



ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କ ମରଶରୀର ବାରକୋଟ ବ୍ଲକ ରାଇତାବାହାଳ ଗ୍ରାମ ପଞ୍ଚାୟତର ପୁରୁଣାପାଣିସ୍ଥିତ ବାସଭବନରେ ପହଞ୍ଚିବା ପରେ ବହୁ ବ୍ୟକ୍ତି ଅନ୍ତିମ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହାପରେ ଏକ ବିଶାଳ ଶୋଭାଯାତ୍ରାରେ ଗାଁ ମାଶାଣୀକୁ ନିଆଯାଇ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା।

## ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ

**ଦେବଗଡ଼, ୨୩ା୧(ସମିସ):** ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟରେ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଈଶ୍ୱର ଚନ୍ଦ୍ର ସାହୁଙ୍କ ସଭାପତିତ୍ୱ ଓ ଶିକ୍ଷୟିତ୍ରୀ କାଦମ୍ବିନୀ ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ଉଦଘାଟନୀ ସଭାରେ ଅତିଥି ଭାବେ ଦେବଗଡ଼ ଜିଲ୍ଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀଣି ଶକୁନ୍ତଳା ଟେଟେ, ସିଦ୍ଧାର୍ଥ ଗୁରୁ, ଗୋପବନ୍ଧୁ ପ୍ରଦାନ ଓ ସୁଶାନ୍ତ ନନ୍ଦ, ବିଦ୍ୟାଳୟ ପରିଚାଳନା ସମିତିର ଅଧ୍ୟକ୍ଷା ତପସ୍ୟା ପାତ୍ର ଏବଂ ଦେବଗଡ଼ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ଚିତ୍ତରଞ୍ଜନ ଦାସ ଯୋଗ ଦେଇଥିଲେ। ବରିଷ୍ଠ ବିଭାଗରେ ଚଳିତ ଶିକ୍ଷା ବର୍ଷର ଶ୍ରେଷ୍ଠ ଛାତ୍ର ଭାବେ ଦଶମ ଶ୍ରେଣୀ ଛାତ୍ର ଆଦିତ୍ୟ ପ୍ରକାଶ ନାୟକ ଓ କନିଷ୍ଠ ବିଭାଗରେ ଚଳିତ ଶିକ୍ଷା ବର୍ଷର ଶ୍ରେଷ୍ଠ ଛାତ୍ର ଭାବେ ଅଷ୍ଟମ ଶ୍ରେଣୀ ଛାତ୍ର ଜୟନ୍ତ ଟାଲିଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ସନ୍ତୋଷିନୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ଚିତ୍ରାଙ୍କନ ପ୍ରତିଯୋଗିତା

**ଦେବଗଡ଼, ୨୩ା୧(ସମିସ):** ଦେବଗଡ଼ କେନ୍ଦ୍ରୀୟ ବିଦ୍ୟାଳୟରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଭଗବାନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ଦେବଗଡ଼



ଆଦର୍ଶ ସ୍ନାତକ ମହାବିଦ୍ୟାଳୟର ଅଧ୍ୟାପକ ଦିଲ୍ଲୀପ ବେହେରା, ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ଚିତରଞ୍ଜନ ଦାସ ଓ ଜବାହର ନବୋଦୟ ବିଦ୍ୟାଳୟର କଳା ଶିକ୍ଷକ ଅବଦୁଲ ଏକ୍ବାଦିନ ମଞ୍ଚାସୀନ ଥିଲେ। ଏହି ପ୍ରତିଯୋଗିତାରେ ଦେବଗଡ଼ କେନ୍ଦ୍ରୀୟ ବିଦ୍ୟାଳୟ, ଜବାହର ନବୋଦୟ ବିଦ୍ୟାଳୟ, ସୁନାମୁଣ୍ଡା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ଦେବଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ନୋଟ୍ରିଡେମ ଏକାଡେମୀ, କଳାମାଟି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ଦେବଗଡ଼ ଟାଉନ ଉଚ୍ଚ ବିଦ୍ୟାଳୟ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ତିଲେଇବଣିସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓ ଦେବଗଡ଼ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ୧୦୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଦେବଗଡ଼ ଜବାହର ନବୋଦୟ ବିଦ୍ୟାଳୟର ପିନାୟକ ପ୍ରିୟ ପ୍ରଥମ, ଦେବଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସୁମିତ ବେହେରା ଦ୍ୱିତୀୟ, ଦେବଗଡ଼ ଜବାହର ନବୋଦୟ ବିଦ୍ୟାଳୟର ମୋନାଲିସା ମଲ୍ଲିକ ତୃତୀୟ, ଶୁଭମ କିସାନ ଚତୁର୍ଥ ଏବଂ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଲିପସା ପ୍ରଧାନ ପଞ୍ଚମ ସ୍ଥାନ ଅଧିକାର କରିଥିଲେ। ଅନୁସ୍କା ଜୈନଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ପରିଚାଳନାରେ ଅରବିନ୍ଦ ଦୀକ୍ଷିତ ପ୍ରମୁଖ ସହଯୋଗ କରିଥିଲେ।

### ଟିଙ୍କବୀର ମା' ଜଳମୁଣ୍ଡି କ୍ରିକେଟ୍ କପ୍

# ପ୍ରୟାଗରାଜ ଚାମ୍ପିୟନ

**ରିଆମାଳ, ୨୩ା୧(ସମିସ)**

ଦେବଗଡ଼ ଜିଲ୍ଲା ଟିଙ୍କବୀରରେ ଚାଲିଥିବା ୧ ତମ ସର୍ବଭାରତୀୟ ମା' ଜଳମୁଣ୍ଡି କ୍ରିକେଟ କପ-୨୦୨୪ର ଚାମ୍ପିଅନ ହୋଇଛି ଏନଏନଏସ କ୍ରିକେଟ ଏକାଡେମି ପ୍ରୟାଗରାଜ। ରୋମାଞ୍ଚକ ଫାଇନାଲ ମ୍ୟାଚରେ ଅନୁଗୋଳକୁ ୪ ରନରେ ହରାଇ ବାଜି ମାରିଛି। ଶେଷ ଓଭରରେ ପ୍ରତି ୧୬ ରନ ଆବଶ୍ୟକ ହେଉଥିବାବେଳେ ପ୍ରଥମ ୩ଟି ବଲରୁ ୧୧ ରନ ସଂଗ୍ରହ କରି ବିଜୟୀ ଆଡ଼କୁ ଅଗ୍ରସର ହୋଇଥିଲା ଅନୁଗୋଳ; ହେଲେ ପ୍ରୟାଗରାଜ ଦଳର ମାପଚୁପ ବୋଲିଂ ଓ ଚମତ୍କାର ଫିଲ୍ଡିଂ ବଳରେ ୫ ରନ ସଂଗ୍ରହ କରି ପାରି ନ ଥିଲେ। ଫାଇନାଲ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦେବଗଡ଼ ଜିଲ୍ଲା ସରପଞ୍ଚ ସଂଘ ସଭାପତି ତଥା ରାଜ୍ୟ ସରପଞ୍ଚ ସଂଘ ମୁଖ୍ୟ ପରାମର୍ଶଦାତା ସତ୍ୟନାରାୟଣ ପାଣି ବିଜେତା ଦଳକୁ ଟ୍ରଫି ଓ ଚେକ୍ ପ୍ରଦାନ କରିଥିଲେ। ଫାଇନାଲ ମ୍ୟାଚରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା ଏନଏନଏସ କ୍ରିକେଟ ଏକାଡେମି ପ୍ରୟାଗରାଜ, ଉତ୍ତରପ୍ରଦେଶ। ୨୭ ରନରେ ପ୍ରଥମ ୩ଟି ୱିକେଟ ହରାଇ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା; ହେଲେ ୪ର୍ଥ ୱିକେଟ ଯୋଡ଼ିରେ ୭୩ ରନର ଯୋଡିବା ସହ ସମ୍ମାନଜନକ ସ୍ଥିତିରେ ପହଞ୍ଚିଥିଲା ପ୍ରୟାଗରାଜ। ଦଳ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୧୩୧ ରନ କରିଥିଲେ। ଦଳ ପକ୍ଷରୁ ଉତ୍କର୍ଷ ଯାଦବ ୪୧(୨୪) ଓ ଜ୍ଞାନେନ୍ଦ୍ର କୁମାର ୨୪(୨୩) ରନ ସଂଗ୍ରହ କରିଥିଲେ। ଅନୁଗୋଳ ପକ୍ଷରୁ ଦୀପକ ତିୱାରୀ ସର୍ବାଧିକ ୪ ୱିକେଟ ଅକ୍ତିଆର କରିଥିଲେ। ଲୋ ସ୍କୋରିଂ ୧୩୨ ରନକୁ ପିଛା କରୁଥିବା ଅନୁଗୋଳ ମଧ ନିୟମିତ ୱିକେଟ ହରାଇ ଚାଲିଥିଲା। ଦଳର ଅଧିନାୟକ ତଥା ପ୍ରାରମ୍ଭିକ ବ୍ୟାଟର ପ୍ରୟାସ ପୁନିଆ ୪୨ଟି ବଲରୁ ୫୭ ରନ କରିଥିଲେ ମଧ୍ୟ ମ୍ୟାଚକୁ ଜିତି ପାରି ନ ଥିଲେ। ଜ୍ଞାନେନ୍ଦ୍ର କୁମାର, ବିକାଶ ଚୌହାନ, ଅତିକ ଅହମ୍ମଦ, କ୍ରିଷ୍ଣା ସରୋଜଙ୍କ ଚମତ୍କାର ବୋଲିଂ ଆଗରେ ଅନୁଗୋଳ ଦଳ ଧରାଶାୟୀ ହୋଇଥିଲା। କ୍ରିଷ୍ଣା ଓ ବିକାଶ ୩ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ବୋଲର ଭାବେ ପ୍ରୟାଗରାଜର କ୍ରିଷ୍ଣା, ଶ୍ରେଷ୍ଠ ଫିଲଡର୍ ଭାବେ ସୌରଭ ଶୁକ୍ଲା, ଶ୍ରେଷ୍ଠ ବ୍ୟାଟର ଭାବେ ଅନୁଗୋଳର ପ୍ରୟାଶଙ୍କୁ ଟ୍ରଫି ଓ ଅର୍ଥ ରାଶି ପ୍ରଦାନ କରାଯାଇଥିଲା। ସେହିଭଳି ଫାଇନାଲ ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ପ୍ରୟାଗରାଜର ଉତ୍କର୍ଷ ଓ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ଜ୍ଞାନେନ୍ଦ୍ରଙ୍କୁ ଟ୍ରଫି ଓ ଅର୍ଥ ରାଶି ପ୍ରଦାନ କରାଯାଇଥିଲା।
ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ ଜିଲ୍ଲା ସରପଞ୍ଚ ସଂଘ ସଭାପତି ତଥା ରାଜ୍ୟ ସରପଞ୍ଚ ସଂଘ ମୁଖ୍ୟ ପରାମର୍ଶଦାତା ସତ୍ୟନାରାୟଣ ପାଣି, ସମ୍ମାନିତ ଅତିଥି ଭାବେ ଟିଙ୍କବୀର ସରପଞ୍ଚ ଫକୀର ମୋହନ ବେହେରା ଓ ସମିତିସଭ୍ୟା ରୁନୁ ବେହେରା ଯୋଗ ଦେଇଥିଲେ। ଏହି ମ୍ୟାଚକୁ ଜୟକୃଷ୍ଣ ରାଉତ ଓ ସୂର୍ଯ୍ୟକାନ୍ତ ଜ୍ୟୋତିଷ ପରିଚାଳନା କରିଥିଲେ। ବିଷ୍ଣୁ ସାହୁ ଧାରାବିବରଣୀ ଓ ଗିରି ସାହୁ ସ୍କୋରିଂ ଦାୟିତ୍ୱ ତୁଲାଇଥିଲେ। ଟିଙ୍କବୀର ନେତାଜୀ ସ୍ପୋର୍ଟସ୍ ଆସୋସିଏସନର ସିକୁନ ଜ୍ୟୋତିଷ, ରିତେଶ ବେହେରା, ଚିକୁ ପ୍ରଧାନ, ପଲଟୁ ସାହୁ, ବୁଟି ନାୟକ, ତପୁ ବେହେରା, ଅଜିତ ପ୍ରଧାନ, ଲିଲୁ ଦଳବେହେରା,




ଅମିତ ପ୍ରଧାନ, ସିପୁନ ଜ୍ୟୋତିଷ, ସିକୁ ନାୟକ, ସୁଶାନ୍ତ ବେହେରା, ବିକାଶ ସ୍ୱାଇଁ, ପିଙ୍କୁ ପ୍ରଧାନ, ରାବି ଦାସ, ଲକି ସାହୁ ପ୍ରମୁଖ ସହଯୋଗ କରିଥିଲେ।

ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା

# କୃଷ୍ଣ-ବଳରାମଙ୍କୁ ଗୋପପୁରବାସୀଙ୍କ ଅଶ୍ରୁଳ ବିଦାୟ

**ବରଗଡ଼, ୨୩।୧(ସମିସ)**

ବରଗଡ଼ ଧନୁଯାତ୍ରା ନବମ ଦିନରେ ପହଞ୍ଚିଛି। ମଥୁରା ନଗରୀରେ ପ୍ରବଳ ପ୍ରତାପୀ କଂସଙ୍କ ରାଜତ୍ୱ ଚାଲିଥିବାବେଳେ ଗୋପପୁରରେ ଦେଖିବାକୁ ମିଳିଥିଲା ଶୋକାକୁଳ ପରିବେଶ। ନନ୍ଦରାଜା ଓ ଯଶୋଦା ସମେତ ସମସ୍ତ ଗ୍ରାମବାସୀ କୃଷ୍ଣ ବଳରାମଙ୍କୁ ଧନୁଯାତ୍ରା ଦେଖିବା ପାଇଁ ବିଦାୟ ଦେଇଛନ୍ତି। ଗୋପପୁର ଏବେ ହୋଇଯାଇଛି ସ୍ତବ୍ଧ। ଅପରପକ୍ଷେ ମହାରାଜା କଂସ ମଥୁରାର ଆମ୍ରବନରେ ଧ୍ୟାନରତ ମୁନିଋଷିଙ୍କ ଉପରେ ଅତ୍ୟାଚାର କରଛନ୍ତି। ପରେ ପରେ ଶିବଙ୍କୁ ତପସ୍ୟା କରି ରୁଦ୍ରଶୂଳ ପ୍ରାପ୍ତି କରିଥିଲେ ଶତ୍ରୁର ବିନାଶ ପାଇଁ ନବମ ଦିନରେ। ଧନୁଯାତ୍ରା ଅନ୍ତିମ ପର୍ଯ୍ୟାୟ ଦେଇ ଗତି କରୁଥିବାବେଳେ ମହାରାଜା କଂସଙ୍କ ରାଜଦରବାର ସମେତ ମଥୁରା ନଗରୀରେ ପ୍ରବଳ ଜନସମାଗମ ପରିଲକ୍ଷିତ ହେଉଛି। ବିଳମ୍ବିତ ରାତି ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ଉପଭୋଗ କରିଥିଲେ ଉପସ୍ଥିତ ଦର୍ଶକ।

## ମହାରାଜ କଂସଙ୍କ ରୁଦ୍ରଶୂଳ ପ୍ରାପ୍ତି

ଏପଟେ ଭଣଜା କୃଷ୍ଣଙ୍କୁ ହତ୍ୟା କରିବା ପାଇଁ ମହାରାଜା କଂସ ଆୟୋଜନ କରିଛନ୍ତି ଛଳନା ଓ କପଟର ଯାତ୍ରା ଧନୁଯାତ୍ରା। ଆଉ କୃଷ୍ଣଙ୍କୁ ମଥୁରା ନଗରୀକୁ ନିମନ୍ତ୍ରଣ କରିବା ସକାଶେ



କଂସଙ୍କ ଚିଟାଉ ନେଇ ପହଞ୍ଚିଥିଲେ ପୂର୍ବତନ ମନ୍ତ୍ରୀ ଅକ୍ରୁର। ତେବେ କୃଷ୍ଣ ବଳରାମଙ୍କୁ ମଥୁରା ନେବା ପାଇଁ ନନ୍ଦରାଜାଠାରୁ ଅନୁମତି ନେବା ସମୟରେ ସମଗ୍ର ଗୋପପୁରରେ ଛାଇ ଯାଇଥିଲା ଶୋକାକୁଳ ପରିବେଶ। ମାତା ଯଶୋଦା ଓ ନନ୍ଦରାଜା ଠାରୁ କୃଷ୍ଣ ବଳରାମଙ୍କ ବିଦାୟ ଦୃଶ୍ୟରେ ସ୍ତବ୍ଧ ରହିଯାଇଥିଲେ ଗୋପପୁରବାସୀ। ଗୋପପୁର କୃଷ୍ଣବଳରାମଙ୍କ ଲୀଳାରେ ଯେତେ ଉତ୍ସବମୁଖରିତ ହୋଇ ପଡ଼ିଥିଲା ତାଠୁ ବଳି ପଡ଼ିଥିଲା ବିଦାୟ ବେଳର ଶୋକାକୁଳ ପରିବେଶ। କୃଷ୍ଣ ବଳରାମଙ୍କୁ ବିଦାୟ ଦେବା ସମୟରେ ଗ୍ରାମବାସୀ ଘର ସମ୍ମୁଖରେ ଧୂପ ଦୀପ ଦେଇ ପାଦ ଧୋଇ ବିଦାୟ ଦେଇଥିଲେ କୃଷ୍ଣ-ବଳରାମଙ୍କୁ।











# କୃଷ୍ଣଙ୍କ ମଥୁରା ନଗରୀ ବାଟ ଓଗାଳିଲେ ରାଧା ସମେତ ଗୋପାଙ୍ଗନା

କୃଷ୍ଣ କହିଛନ୍ତି..

ଉଠ ଉଠ ପ୍ରାଣେଶ୍ୱରୀ ପ୍ରେମମୟୀ ରାଧେ
ତୋର ଏ ଦାରୁଣ ଦୁଃଖ ମୋ ମରମେ ବାଧେ ଗୋ.....
ଚାରିଦିନ କଷ୍ଟ ଦେଇ ଯାଉଅଛି ମୁହିଁ
ଚାରିଦିନ ଅନ୍ତେ ମୁହିଁ ଆସିବିଟି ଫେରି ଗୋ......

ଅନ୍ୟପକ୍ଷରେ କୃଷ୍ଣ ଧନୁଯାତ୍ରା ଦେଖି ଚାରି ଦିନ ପରେ ଗୋପପୁର ପ୍ରତ୍ୟାବର୍ତନ କରିବେ ବୋଲି ବରଜ ପତ୍ରରେ ଲେଖି ପ୍ରତିଶ୍ରୁତି ଦେଇଥିଲେ ରାଧାଙ୍କୁ। ସେହିପରି କୃଷ୍ଣ ବଳରାମଙ୍କ ସହ ଗୋପାଳ ବାଳକମାନେ ମଧ୍ୟ ମଥୁରା ନଗରୀରେ ଧନୁଯାତ୍ରା ଦେଖିବା ପାଇଁ ଜିଦ୍ ଧରି ବସି ରହିଥିଲେ। ପରେ ଅକ୍ରୁର ଗୋପାଳ ବାଳକଙ୍କ କୃଷ୍ଣ ପ୍ରେମ ଦେଖି ସଙ୍ଗରେ ନେଇ ଯାଇଥିଲେ ମଥୁରାନଗରୀରେ ଅନୁଷ୍ଠିତ ଧନୁଯାତ୍ରା ଦେଖିବା ପାଇଁ। ତାପରେ କୃଷ୍ଣବଳରାମ ବେନିଭାଇ ସମେତ ଗୋପାଳ ବାଳକମାନେ ମଥୁରା ନଗରୀରେ ପହଞ୍ଚି ବିଶ୍ରାମ ନେଇଛନ୍ତି ମଧୁବନ ତୋଟାରେ। ଅନ୍ୟ ପକ୍ଷରେ କୃଷ୍ଣବଳରାମଙ୍କ ବିଦାୟ ପରେ ସମଗ୍ର ଗୋପପୁର ଏବେ ଖାଁ ଖାଁ ଲାଗୁଥିବାବେଳେ ଭଗବାନ ଶ୍ରୀକୃଷ୍ଣଙ୍କୁ ପାଇ ବେଶ ସୌଭାଗ୍ୟ ମନେ କରୁଛନ୍ତି ମଥୁରାବାସୀ।

ମହାରାଜ କଂସଙ୍କ ଅତ୍ୟାଚାରରେ ଥରହର ମଥୁରା ନଗରୀ। ମହାରାଜା କଂସ ପାତ୍ରମନ୍ତ୍ରୀଙ୍କ ସହ ହାତୀ ପିଠିରେ ବସି ନଗର ଭ୍ରମଣରେ ବାହାରିଥିବାବେଳେ ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ନବମ ଦିନରେ ମଥୁରାର ଆମ୍ରବନରେ କୃଷ୍ଣ ପ୍ରେମରେ ଧ୍ୟାନ ରତ ମୁନିଋଷିଙ୍କ ଉପରେ ଅତ୍ୟାଚାର କରିବା ସହ ବନ୍ଦୀ କରି ରଖିଥିଲେ କାଳକୋଠରୀରେ।

ସେହିପରି ମହାରାଜା କଂସ ଶିବଙ୍କୁ ତପସ୍ୟା କରି ରୁଦ୍ରଶୂଳ ପ୍ରାପ୍ତି କରିଛନ୍ତି ଶତ୍ରୁର ବିନାଶ ପାଇଁ। ତେବେ ପୂର୍ବତନ ମନ୍ତ୍ରୀ ଅକ୍ରୁର କୃଷ୍ଣବଳରାମ ବେନୀଭାଇଙ୍କୁ ମଥୁରାକଟକ ନେଇ ଆସିଥିବାର ଖବର ଦେଇଛି ମହାରାଜ କଂସଙ୍କୁ। କଂସ ଅକ୍ରୁର ଠାରୁ ଗୋପପୁରର ସମସ୍ତ ଘଟଣାବଳୀ ଶୁଣିବା ସହ ଉତଫୁଲିତ ହୋଇ ନୃତ୍ୟଗୀତରେ ମଜ୍ଜି ଯାଇଥିଲେ।

ନବମ ଦିବସରେ ରାଜଦରବାର ଏବଂ ରଙ୍ଗମହଲରେ ଭୁବନେଶ୍ୱରର ଶଶିମଣି କଳା ନିକେତନ, ବଲାଙ୍ଗିରର ପଞ୍ଚମ, କଟକ ବାରବାଟି ଡେନ୍ସ ଏକାଡେମୀ, ସମଲେଶ୍ୱରୀ ନୂପୁର କଳା ପରିଷଦ, ବଲାଙ୍ଗୀରର ସଂଗାମାପା, ନୂଆପଡ଼ାର ଢୋଲମହୁରୀ, ମଥୁରାର ଗିରୀରାଜ କୃଷ୍ଣ କଳା ସମିତି, ଜୟପୁର ରାଜସ୍ଥାନର ରାଜସ୍ଥାନୀ ଫୋକ ଡେନ୍ସ ଗୃପ, ଆସାମର ବନକାପୋ ସାଂସ୍କୃତିକ ଅନୁଷ୍ଠାନ, ଉତ୍ତର।।ଖଣ୍ଡ ଫୋକ ଡେନ୍ସ ଗୃପ, ତେଲେଙ୍ଗାନାର ଏଏସକେଭି ଗୃପ, ମହାରାଷ୍ଟ୍ର ରତ୍ନଗିରିର ଲାୱନି ଡେନ୍ସ ଗୃପ, ପ୍ରେରଣାଦି ଛତିଶଗଡ଼ ଫୋକ୍ ଡେନ୍ସ ଗ୍ରୁପ, ସମ୍ବଲପୁର ର ମିନାକ୍ଷୀ ଓ ସାଥୀଙ୍କ ଦ୍ୱାରା ନୃତ୍ୟଗୀତ ପରିବେଷିତ ହୋଇଥିଲା।

ବୁଧବାର ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାର ଦଶମ ଦିନରେ କୃଷ୍ଣବଳରାମଙ୍କ ମଥୁରା କଟକ ଭ୍ରମଣ କରିବାକୁ ଥିବାବେଳେ ମଥୁରା ନଗରୀର ଘରେ ଘରେ ତାଙ୍କୁ ପୂଜାର୍ଚ୍ଚନା କରାଯାଇ ସ୍ୱାଗତ କରାଯିବ। ଭଗବାନ ଶ୍ରୀକୃଷ୍ଣ ମଥୁରା ନଗରୀ ଭ୍ରମଣ ସମୟରେ ମହାରାଜା କଂସଙ୍କ ମାଳି ଓ ରଜକ ସହିତ ସାକ୍ଷାତ କରିବା ସହ କୁବୁଜାକୁ ସ୍ୱର୍ଶ କରି ଅପୂର୍ବ ସୁନ୍ଦରୀ ଯୁବତୀ କରିଦେବାର ଦୃଶ୍ୟ ଅଭିନୀତ ହେବ ଦଶମ ଦିନରେ। ସେହପରି ମହାରାଜା କଂସ ଦୈବବାଣୀକୁ ନେଇ ଚିନ୍ତିତ ହୋଇ ପଡ଼ିଥିବାବେଳେ ସ୍ୱପ୍ନରେ କୃଷ୍ଣଙ୍କୁ ଦେଖି ଭୟଭୀତ ହୋଇ ପଡ଼ିବା ସହ ଚିନ୍ତାମୁକ୍ତ ପାଇଁ ନୃତ୍ୟଗୀତରେ ମସଗୁଲ ରହିବେ ଦଶମ ଦିନରେ।



ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ

# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତି ଅନାବରଣ

**ଭୁବନେଶ୍ୱର, ୨୩।୧(ସମିସ):** ଭାରତର ସ୍ୱାଧୀନତା ସଂଗ୍ରାମରେ ଯେଉଁ ମହାନ ବିପ୍ଳବୀମାନେ ନେତୃତ୍ୱ ନେଇ ସଂଗ୍ରାମ ରଥର ସାରଥୀ ସାଜିଥିଲେ, ସେମାନଙ୍କ ମଧ୍ୟରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଥିଲେ ଅଗ୍ରଗଣ୍ୟ। ନେତାଜୀ ଥିଲେ ବିଦ୍ରୋହର କର୍ଣ୍ଣଧାର, ସ୍ୱତନ୍ତ୍ରତା ସେନାନୀ, ଶୌର୍ଯ୍ୟ ଓ ସାହସର ପ୍ରତି ସମର୍ପିତ ଏବଂ ଭାରତବର୍ଷର ସ୍ୱାଧୀନତା ସଂଗ୍ରାମ ଇତିହାସରେ ଜଣେ ଶ୍ରେଷ୍ଠ ବିପ୍ଳବୀ ଯୁଗପୁରୁଷ। ନେତାଜୀଙ୍କର ୧୨୭ତମ ଜନ୍ମବାର୍ଷିକୀ ଅବସରରେ ଓଡ଼ିଶା ବିଧାନସଭା ପରିସରରେ ପ୍ରତିଷ୍ଠିତ ନବନିର୍ମିତ ପ୍ରତିମୂର୍ତ୍ତିକୁ ଅନାବରଣ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁଷ୍ପଗୁଚ୍ଛ ଅର୍ପଣ କରି ଏହି ମହାନ୍ ଆତ୍ମାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

ସେହିପରି ବୀର ସୁରେନ୍ଦ୍ର ସାଏଙ୍କ ୨୧୫ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ବିଧାନସଭା ପରିସରରେ ଏହି ମହାନାୟକଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ ପୁଷ୍ପାର୍ଘ୍ୟ ଅର୍ପଣ କରି ତାଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ମାତ୍ର ୧୮ ବର୍ଷ ବୟସରେ ବୀର ସୁରେନ୍ଦ୍ର ସାଏ ମା' ମାଟିର ମୁକ୍ତି ପାଇଁ ବ୍ରିଟିଶ ବିରୋଧରେ ଲଢ଼େଇ ଆରମ୍ଭ କରିଥିଲେ। ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ କୁହାଯାଉଥିବା ୧୮୫୭ ସିପାହୀ ବିଦ୍ରୋହର ବହୁ ପୂର୍ବରୁ ସୁରେନ୍ଦ୍ର ସଂଗ୍ରାମ 'ଉଲଗୁଲାନ୍' କରିଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ବିଧାନସଭା ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବାଚସ୍ପତି ପ୍ରମିଳା ମଲ୍ଲିକ, ଉପବାଚସ୍ପତି ସାଲୁଗା ପ୍ରଧାନ, ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି, ବିଧାୟକ ଅମର ପ୍ରସାଦ ଶତପଥୀ, ଅନନ୍ତ ନାରାୟଣ ଜେନା, ସୁଶାନ୍ତ ରାଉତ, ଅଶୋକ ବଳ, ବିଧାନସଭା ସଚିବ ଦାଶରଥୀ ଶତପଥୀ ପ୍ରମୁଖ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



ବରଗଡ଼ ଧନୁଯାତ୍ରା ମୀନାବଜାରରେ ରକ୍ତଦାନ ଶିବିର

# ୧୨୧ ୟୁନିଟ ରକ୍ତ ସଂଗୃହୀତ



**ବରଗଡ,୨୩।୧(ସମିସ):** ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ମହୋତ୍ସବ ଅବସରରେ ନିଷ୍ଠା ପରିବାରରେ ତରଫରୁ ମିନା ବଜାର ପଡିଆରେ ଚାଲିଥିବା ରକ୍ତଦାନ ଶିବିର ତୃତୀୟ ଦିନରେ ୧୨୧ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ତୃତୀୟ ଦିନରେ ପୂର୍ବତନ ସାଂସଦ ପ୍ରଭାସ ସିଂହ, ସମ୍ବଲପୁରୀ ବସ୍ତ୍ରାଳୟର ସଭାପତି ସମ୍ବିତ ଆଚାର୍ଯ୍ୟ, କୋପରେଟିଭ ବ୍ୟାଙ୍କ ସଭାପତି ନଗେନ୍ଦ୍ର ପ୍ରଧାନ, ବିଭୁଭୂଷଣ ପଣ୍ଡା, ଗୋବିନ୍ଦପୁର ସରପଞ୍ଚ ପ୍ରଫୁଲ୍ଲ ନାୟକ, ସମାଜସେବୀ ଦିଲ୍ଲୀପ ସାଓ୍ୱଡ଼ିଆ, ଜିଲ୍ଲା ପରିଷଦ ସଭ୍ୟା ନୀଳକୁମାରୀ ନାଏକ ଅତିଥି ଭାବେ ଯୋଗ ଦେଇଥିଲେ। ଶିବିରକୁ ନିଷ୍ଠା ପରିବାରର ଉପଦେଷ୍ଟା ସଚି ପଣ୍ଡା, ଜିତୁ ମହାପାତ୍ର, ଅଶ୍ୱିନୀ ତ୍ରିପାଠୀ, ଉପସଭାପତି କ୍ଷିରୋଦ୍ର ସାହୁ, ଆଶିଷ କର, ସଭାପତି ରକ୍ଷପାଳ ସାହୁ, ଜୟନ୍ତ ପ୍ରଧାନ, ସମ୍ପାଦକ ଲୋକନାଥ ସାହୁ, କୋଷାଧକ୍ଷ ଶ୍ୟାମସୁନ୍ଦର ସାହୁ, ସହସମ୍ପାଦକ ମଦନ ମୋହନ ଦାସ, ମହିଳା ଶାଖା ସଂଯୋଜିକା ତ୍ରିପୁରା ସୁହୁଲା ଓ ଅନ୍ୟ ସଦସ୍ୟ ସଦସ୍ୟା ପରିଚଳନା କରିଥିଲେ।

# କଲ୍ୟାଣ ମଣ୍ଡପର ଭିତ୍ତିପ୍ରସ୍ତର ସ୍ଥାପନ

**ପଦ୍ମପୁର, ୨୩।୧(ସମିସ):** ପଦ୍ମପୁର ସାହୁପଡ଼ା ତୈଳିକ ବୈଶ୍ୟ ସମାଜ ଆନୁକୂଲ୍ୟରେ ୱାର୍ଡ଼ ନଂ ୧ କୁସୁନାପାଲିରେ କଲ୍ୟାଣ ମଣ୍ଡପର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ବିଧାୟିକା ବର୍ଷା ସିଂ ବରିହା ଯୋଗଦାନ କରିଥିଲେ। ସମାଜର ସଭାପତି ଉମେଶଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ସମ୍ମାନିତ ଅତିଥି ଭାବରେ ବିପିନ ପଧାନ, ତହସିଲଦାର ପଦ୍ମପୁର, ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ସାବିତ୍ରୀ ବାଗ, ଉପାଧ୍ୟକ୍ଷା ଭାରତୀ ପଟ୍ଟନାୟକ, କାଉନ୍ସିଲର ଗୌରୀ ସାହୁ, ଉପସଭାପତି ଲୋକନାଥ ସାହୁ, ସମ୍ପାଦକ ଶ୍ୟାମସୁନ୍ଦର ସାହୁ ମଞ୍ଚାସୀନ ଥିଲେ। ବିଜୟ ଦାନୀ ମଞ୍ଚ ପରିଚାଳନା କରିଥିଲେ। ବିସମ୍ପାଦକ ଶ୍ୟାମସୁନ୍ଦର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।




ବର୍ଷା ପାଣିରେ ଉବୁଟୁବୁ ପଲ୍ଲିଶ୍ରୀ ମେଳା

# ବ୍ୟବସାୟୀଙ୍କ ନାହିଁ ନ ଥିବା କ୍ଷତି

**ବରଗଡ଼, ୨୩।୧(ସମିସ)**

ବରଗଡ଼ ଧନୁଯାତ୍ରାର ନବମ ଦିନରେ ଅଦିନିଆଁ ବର୍ଷା ବ୍ୟବସାୟୀଙ୍କୁ ଚିନ୍ତାରେ ପକାଇଦେଇଛି। ମଙ୍ଗଳବାର ସକାଳେ ବର୍ଷା ଯୋଗୁଁ ଜୀରା ନଦୀ କୂଳ ପଡ଼ିଆରେ ଚାଲିଥିବା ଅସ୍ଥାୟୀ ଦୋକାନ ବଜାର ଭିତରକୁ ପାଣି ପଶି ନାହିଁ ନ ଥିବା କ୍ଷତି ହୋଇଛି। ବିଶେଷ କରି ଓରମାସ ତରଫରୁ ଚାଲିଥିବା ପଲ୍ଲିଶ୍ରୀ ମେଳା ଭିତରେ ବର୍ଷା ପାଣି ନିଷ୍କାସନ ହୋଇ ନ ପାରି ବହୁ ହସ୍ତଶିଳ୍ପ ସାମଗ୍ରୀ ଭିଜି ନଷ୍ଟ ହୋଇଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ପଲ୍ଲିଶ୍ରୀ ମେଳାରେ ଦୋକାନ ଲଗାଇଥିବା ଏସଏଚଜି ଗୃପର ସଦସ୍ୟାମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଗତ ବର୍ଷ ଠାରୁ ଧନୁଯାତ୍ରା ସମୟରେ ଜୀରା ନଦୀ ପଡ଼ିଆରେ ଓରମାସ ତରଫରୁ ପଲ୍ଲିଶ୍ରୀମେଳାର ଆୟୋଜନ କରାଯାଇଛି। ଏଥିରେ ଜିଲ୍ଲା ତଥା ଜିଲ୍ଲା ବାହାରୁ ଏପରିକି ରାଜ୍ୟ ବାହାରରୁ ବହୁ ହସ୍ତଶିଳ୍ପ କାରିଗର ସେମାନଙ୍କ ସାମଗ୍ରୀ ପ୍ରଦର୍ଶିତ କରିବା ସହ ବିକ୍ରୟ କରୁଛନ୍ତି। ତେବେ ମଙ୍ଗଳବାର ସକାଳୁ ଅଦିନିଆ ବର୍ଷା ଯୋଗୁଁ ମେଳା ପରିସର ପାଣି ନିଷ୍କାସନ ହୋଇ ନ ପାରି ବହୁ ସାମଗ୍ରୀ ନଷ୍ଟ ହୋଇଯାଇଥିବାର ଅଭିଯୋଗ ହୋଇଛି। ପଲ୍ଲିଶ୍ରୀ ମେଳାରେ ପାଣି ଜମା ହୋଇ ଷ୍ଟଲ ମାନଙ୍କରେ ଥିବା ଝୋଟ, କପଡ଼ା, ମାଟି, କାଠ ଆଦି ବିଭିନ୍ନ ହାତ ତିଆରି ବହୁ ସୌଖିନ ଜିନିଷ ଗୁଡ଼ିକ ନଷ୍ଟ ହୋଇ ଯାଇଥିଲା। ଫଳରେ ଷ୍ଟଲ ଲଗାଇଥିବା କାରିଗର ଏବଂ ଏସଏଚଜି ଗୃପର ସଦସ୍ୟାମାନେ ନିଜ ନିଜ ସାମଗ୍ରୀ କିପରି ସୁରକ୍ଷିତ ରଖିବେ ତାକୁ ନେଇ ଚିନ୍ତାରେ ପଡ଼ିଯାଇଥିଲେ। ଏପରିକି ସଦସ୍ୟା ନିଜ ସାମଗ୍ରୀ ସୁରକ୍ଷିତ ରଖିବାରେ ବ୍ୟସ୍ତ ରହିବା ସହ ନିତ୍ୟକର୍ମ ମଧ୍ୟ ଠିକ ଭାବରେ କରି ନ ଥିବା ଅଭିଯୋଗ ହୋଇଥିଲା। ଯାହାକୁ ନେଇ ମେଳା ପରିସରରେ ଅସନ୍ତୋଷ ପ୍ରକାଶ ଦେଖାଦେଇଥିଲା।

ଏଠାରେ ସୂଚନା ଯୋଗ୍ୟ ଯେ ପୂର୍ବରୁ ଜର୍ଜ ହାଇସ୍କୁଲ ପଡ଼ିଆରେ ପଲ୍ଲିଶ୍ରୀ ମେଳା ହେଉଥିବା ବେଳେ ଗତ ବର୍ଷ ଠାରୁ ଜୀରା ନଦୀ କୂଳରେ ଆୟୋଜିତ ହେଉଛି। କିଛି ବର୍ଷ ପୂର୍ବେ ଧନୁଯାତ୍ରା ସମୟରେ ବର୍ଷା ଯୋଗୁଁ ପଲ୍ଲିଶ୍ରୀ ମେଳାରେ ଏପରି ଅବ୍ୟବସ୍ଥା ହୋଇଥିଲା।






# ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାର ରାଧା ବୈଷ୍ଣବୀ ବିର୍ତ୍ତିଆ

**ବରଗଡ଼, ୨୩।୧(ସମିସ):** ଚଳିତ ବର୍ଷ ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାରେ ପୁଣି ଥରେ ରାଧା ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି ଶିଶୁ କଳାକାର ବୈଷ୍ଣବୀ ବିର୍ତ୍ତିଆ। ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ରରେ ନବମ ଶ୍ରେଣୀରେ ପାଠ ପଢୁଥିବା ବୈଷ୍ଣବୀ ଗୋପପୁର ପାଲଟୁଥିବା ଅମ୍ବାପାଲି ନିବାସୀ ପଞ୍ଚାନନ ବିର୍ତ୍ତିଆଙ୍କ ଝିଅ। ୨୦୧୬ରେ ବୈଷ୍ଣବୀ ପ୍ରଥମେ ରାଧାଙ୍କ ସଖୀ ଲଳିତା ଭୂମିକାରେ ଅଭିନୟ କରିଥିଲେ। ସେହିପରି ୨୦୧୭-୧୮ ରେ ବୈଷ୍ଣବୀ ପ୍ରଥମେ ରାଧା ଭୂମିକାରେ ଅଭିନୟ କରି ଏକ ସ୍ୱତନ୍ତ୍ର ସୃଷ୍ଟି କରିପାରିଥିଲେ। ଅନୁରୂପ ଭାବେ ୨୦୨୧ -୨୨ ରେ ପୁଣି ରାଧା ଭୂମିକାରେ ଅଭିନୟ କରିବା ସହ ଚଳିତ ବର୍ଷ ମଧ୍ୟ ସେ ଏହି ଭୂମିକା ଅବତୀର୍ଣ୍ଣ ହୋଇଛନ୍ତି। ଗୁରୁ ସମାରୁ ମେହେର ଏବଂ ବାପାଙ୍କ ଠାରୁ ଓଡିଶୀ ନୃତ୍ୟ ଶିକ୍ଷା ଲାଭ କରିଥିବା ବୈଷ୍ଣବୀ ଭଗବାନ ଶ୍ରୀକୃଷ୍ଣଙ୍କ ଆଶୀର୍ବାଦରୁ ଏହି ଭୂମିକା କରିବାର ସୁଯୋଗ ମିଳିଲା ବୋଲି କହିଥାନ୍ତି। ବରଗଡ଼ ଧନୁଯାତ୍ରାରେ ରାଧା ଭୂମିକା ବ୍ୟତୀତ ସମର୍ପଣ ନାଟ୍ୟ ଅନୁଷ୍ଠାନର ଜଣେ ଶିଶୁ କଳାକାର ଭାବେ ପରିଚିତ। ବୈଷ୍ଣବୀ ବିଭିନ୍ନ ସ୍ଥାନରେ ଅଭିନୟ ତଥା ଓଡିଶୀ ନୃତ୍ୟ ପାଇଁ ସମ୍ମାନିତ ତଥା ପ୍ରଶଂସିତ ହୋଇଛନ୍ତି। ବର୍ତ୍ତମାନ ସେ ଗୁରୁ ଅନନ୍ତ ମେହେରଙ୍କଠାରୁ ସମ୍ବଲପୁରୀ ନୃତ୍ୟ ଶିକ୍ଷା ଗ୍ରହଣ କରୁଥିବା ବୈଷ୍ଣବୀଙ୍କ ଅଭିନୟ କଳାକୁ ବିଭିନ୍ନ ମହଲରେ ବେଶ ପ୍ରଶଂସା କରାଯାଇଛି।

# ଧନୁଯାତ୍ରା ଶେଷ ଦୃଶ୍ୟର ଅଭ୍ୟାସ

**ବରଗଡ଼, ୨୩।୧ (ସମିସ):** ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ନବମ ଦିବସରେ ପହଞ୍ଚିଥିବା ବେଳେ ମଙ୍ଗଳବାର ଲୋକମଣ୍ଡପ ପଡ଼ିଆରେ ଯାତ୍ରାର ଶେଷ ଦୃଶ୍ୟକୁ ନେଇ ରିହର୍ସାଲ ହୋଇଥିଲା। ଏ ଅବସରରେ ମହାରାଜ କଂସ ହୃଷୀକେଶ ଭୋଇଙ୍କ ସମେତ କୃଷ୍ଣ ବଳରାମ ସମ୍ରାଟ ମହାପାତ୍ର ଏବଂ କିଶନ ବିର୍ତିଆ ଉପସ୍ଥିତ ରହି ନିଜ ନିଜ ମଧ୍ୟରେ ଅଭିନୟର ତାଳମେଳ କରିଥିଲେ। ନିର୍ଦ୍ଦେଶକ ଅଶୋକ ବେହେରା ଗଦା ଯୁଦ୍ଧ, ଖଣ୍ଡା ଯୁଦ୍ଧ, କଂସ ବଧ ସହ ଶେଷ ଦିବସର ବିଭିନ୍ନ ଦୃଶ୍ୟ ସମ୍ପର୍କରେ ଦିଗଦର୍ଶନ ଦେଇଥିଲେ।



# ଜାତୀୟ ଇତିହାସରେ ସମ୍ବଲପୁରର ସ୍ଥାନ ଅନନ୍ୟ

**ସମ୍ବଲପୁର, ୨୩।୧(ସମିସ)**

ନ୍ୟାସନାଲ ବୁକ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆ ଓ 'ସେତୁ' ସମ୍ବଲପୁର ଆନୁକୂଲ୍ୟରେ ଆୟୋଜିତ ସମ୍ବଲପୁର ପୁସ୍ତକମେଳା ଆଜି ତୃତୀୟ ଦିନରେ ପହଞ୍ଚିଛି। ପୂର୍ବାହ୍ନ ୧୧ଟାରୁ ସାଢ଼େ ୨ଟା ପର୍ଯ୍ୟନ୍ତ ଶିଶୁମାନଙ୍କ କାର୍ଯ୍ୟକ୍ରମରେ ୱାର୍ଲଡ ଅଫ୍ ଷ୍ଟୋରୀ ଲ୍ୟାଣ୍ଡ, ଚିତ୍ରାଙ୍କନ ପ୍ରତିଯୋଗିତା ଓ ଦେଶାତ୍ମବୋଧକ ନୃତ୍ୟ ପ୍ରତିଯୋଗିତା ହୋଇଥିଲା। ସାରସ୍ୱତ ସଭାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଆସନ୍ତାକାଲି

## ପୁସ୍ତକମେଳା ତୃତୀୟ ଦିନ

ବୁଧବାର କାଲିଗ୍ରାଫି କର୍ମଶାଳା, କାହାନିୟୋଁ କା ଖଜାନା ଓ ସ୍ଲୋଗାନ ଲିଖନ ପ୍ରତିଯୋଗିତା ହେବ। ଅପରାହ୍ନ ୪ଟାରୁ ୬ଟା ପର୍ଯ୍ୟନ୍ତ ସାରସ୍ୱତ କାର୍ଯ୍ୟକ୍ରମରେ ଲେଖକଙ୍କ ସହିତ ସାକ୍ଷାତକାରରେ ମଙ୍ଗଳବାର ପ୍ରଫେସର ଗିରିଜା ଶଙ୍କର ଶର୍ମା ଅଧ୍ୟକ୍ଷତା କରିଥିବାବେଳେ ବିଶିଷ୍ଟ କବି ରାମକୃଷ୍ଣ ଓ କବି ଦୁର୍ଗାପ୍ରସାଦ ପଣ୍ଡା ଯୋଗଦେଇ ସୃଜନ ଓ ସଂଗ୍ରାମ ବିଷୟରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ କବି ରାମକୃଷ୍ଣଙ୍କ କବିତା ସଂକଳନ 'କୁହୁ' ଉନ୍ମୋଚିତ ହୋଇଥିଲା। ଏହାପରେ ସାଂପ୍ରତିକ ବିଷୟକ ଆଲୋଚନାଚକ୍ରର ବିଷୟବସ୍ତୁ ଥିଲା 'ସ୍ୱାଧୀନତା ସଂଗ୍ରାମ: ସମ୍ବଲପୁରର ସଂଗ୍ରାମୀ'। ଏହି ସଭାରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ସାଧୁଚରଣ ପଣ୍ଡା ଅଧ୍ୟକ୍ଷତା କରିଥିବାବେଳେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗ ମୁଖ୍ୟ ଡ. ଅତୁଲ ପ୍ରଧାନ ଓ ପାର୍ବତୀ ଗିରି




ମହିଳା ମହାବିଦ୍ୟାଳୟ ବରଗଡ଼ର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ପ୍ରଦୀପ ହୋତା ଯୋଗଦେଇ ବିଷୟବସ୍ତୁ ଉପରେ ନିଜସ୍ୱ ମନ୍ତବ୍ୟ ରଖିଥିଲେ। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଏନ. ନାଗରାଜୁ ଅତିଥି ଭାବେ ଯୋଗ ଦେଇଥିଲେ। ବକ୍ତା ପ୍ରଫେସର ପ୍ରଧାନ କହିଲେ ଯେ, ସମ୍ବଲପୁର ଏବଂ ଛତିଶଗଡ଼ ଅଞ୍ଚଳରେ ସୁରେନ୍ଦ୍ର ସାଏଙ୍କ ଗଣବିପ୍ଳବର ଛାପ ଏବଂ ପ୍ରମାଣ ଗାଁ ଗାଁରେ ରହିଛି। ତାଙ୍କ ଇତିହାସ ଛତିଶଗଡ଼ ଅଞ୍ଚଳ ଗାଁର ଯୁବକଯୁବତୀଙ୍କ ମୁଖରେ ଲୋକକଥା ଓ ଲୋକଗୀତ ମାଧ୍ୟମରେ ଏବେ ବି ଜନଜୀବନ ମଧ୍ୟରେ ବଞ୍ଚିରହିଛି। ଏହାର ସଠିକ ଅଧ୍ୟୟନ ଓ ଡକୁମେଣ୍ଟେସନ କରିବା ଆବଶ୍ୟକ ବୋଲି ସେ କହିଥିଲେ। ବୀର ସୁରେନ୍ଦ୍ର ସାଏଙ୍କ ଉପରେ ପ୍ରଥମ ଲିଖିତ ଇତିହାସ ସ୍ୱପ୍ନେଶ୍ୱର ଦାଶଙ୍କ ବୋଲି ବକ୍ତା ଡ. ହୋତା କହିବା ସହ ସୁରେନ୍ଦ୍ର ସାଏଙ୍କ ସଂଗ୍ରାମରେ କେବଳ ପୁରୁଷ ନୁହେଁ ମହିଳାମାନେ ମଧ୍ୟ ଯୋଗ ଦେଇଥିବା ପ୍ରମାଣ ରହିଛି ବୋଲି ତଥ୍ୟ ଦେଇଥିଲେ। ସୁରେନ୍ଦ୍ର ସାଏଙ୍କ ବିପ୍ଳବର ଐତିହାସିକତା ବ୍ୟତୀତ ବିପ୍ଳବର ସାମାଜିକ ଦିଗକୁ ଅଧ୍ୟୟନ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଅତିଥି ପ୍ରଫେସର ନାଗରାଜୁ ସଂଗ୍ରାମୀ ମାନଙ୍କ ଉପରେ ଗବେଷଣା ସମୟରେ ଆଞ୍ଚଳିକ ଇତିହାସ ସହିତ ଜାତୀୟ ଇତିହାସକୁ ଯୋଡ଼ିବା ଆବଶ୍ୟକ ବୋଲି କହିଥିଲେ। ସଭାପତିତ୍ୱ ଅଭିଭାଷଣରେ ପ୍ରଫେସର ପଣ୍ଡା ଐତିହାସିକ ତଥ୍ୟ ଉପସ୍ଥାପନ କରି ଜାଲିଆନାୱାଲାବାଗ ଭଳି କୁଦୋପାଲି ରକ୍ତତୀର୍ଥ ହୋଇଥିଲେ ହେଁ ଏଯାବତ୍ ଅବହେଳିତ ବୋଲି କ୍ଷୋଭ ପ୍ରକାଶ କରିଥିଲେ। ଶେଷରେ ଡ. କାମଦେବ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଆସନ୍ତାକାଲି ବୁଧବାର ଲେଖକଙ୍କ ସହିତ ସାକ୍ଷାତକାରରେ ଗଣେଶରାମ ନାହାକ ଓ ଡ. ଦ୍ୱାରିକାନାଥ ନାୟକ ଥିବାବେଳେ ଆଲୋଚନାଚକ୍ରରେ ରହିଛି 'ପଶ୍ଚିମ ଓଡ଼ିଶାର ଲୋକସାହିତ୍ୟ ଓ ସଂସ୍କୃତି'। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଷ୍ଣୁମୋହନ ଓ ଦଳ ଦର୍ଶକଙ୍କୁ ବିମୋହିତ କରିଥିଲେ। ମାନସ ରଞ୍ଜନ ମିଶ୍ର ଓ ଛନ୍ଦାମୟୀ ମିଶ୍ର ଉଦ୍‌ଘୋଷକ ଦାୟିତ୍ୱ ତୁଲାଇଥିଲେ। ବୁଧବାର ଅସୀମା ପଣ୍ଡା ଓ ଦଳ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ।

## ଜିଲ୍ଲା ପ୍ରଶାସନ ପକ୍ଷରୁ ସୁରେନ୍ଦ୍ର ସାଏ ଓ ନେତାଜୀ ଜୟନ୍ତୀ



**ସମ୍ବଲପୁର, ୨୩।୧(ସମିସ):** ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ଜୟନ୍ତୀ ଜିଲ୍ଲା ପ୍ରଶାସନ ଓ ଓଡ଼ିଶା ସାଂସ୍କୃତିକ ସମାଜର ମିଳିତ ଆନୁକୂଲ୍ୟରେ ପାଳିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ, ସୂଚନା ଲୋକ ସମ୍ପର୍କ ଅଧିକାରୀ ସଂଯୁକ୍ତା କୁଲୁ ଓ ସାଂସ୍କୃତିକ ସମାଜ ପକ୍ଷରୁ ସଭାପତି ଅଶୋକ କୁମାର ମିଶ୍ରଙ୍କ ସମେତ ବହୁ ବରିଷ୍ଠ ସଦସ୍ୟ ପ୍ରଥମେ ଜେଲଖାନା ଛକ ସ୍ଥିତ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ପ୍ରଫୁଲ୍ଲ କୁମାର ହୋତାଙ୍କ ସଂଯୋଜନାରେ ବିଭିନ୍ନ ବିଦ୍ୟାଳୟର ପ୍ରାୟ ୧ ହଜାର ଛାତ୍ରଛାତ୍ରୀଙ୍କୁ ନେଇ ପଥ ସଞ୍ଚାଳନ ପ୍ରତିଯୋଗିତା ହୋଇଥିଲା। ଏଥିରେ ଏନ୍‌ସିସି ବର୍ଗରେ ଗୁରୁନାନକ ପବ୍ଲିକ ସ୍କୁଲ, କେନ୍ଦ୍ରୀୟ ବିଦ୍ୟାଳୟ, ସେଣ୍ଟ ଯୋଶେଫ କନଭେଣ୍ଟ ସ୍କୁଲ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଗାଇଡ ଓ ସ୍କାଉଟ୍ ବର୍ଗରେ ନୃସିଂହ ଗୁରୁ ଟାଉନ ହାଇସ୍କୁଲ, ଲେଡିଲୁଇଜ ବାଳିକା ବିଦ୍ୟାଳୟ, ଚନ୍ଦ୍ର ଶେଖର ବେହେରା ଜିଲ୍ଲା ସ୍କୁଲ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସିଭିଲିଏନ୍ ବର୍ଗରେ ଲେଡିଲୁଇଜ ବାଳିକା ବିଦ୍ୟାଳୟ, ବିକାଶ ଦି କନସେପ୍ଟ ସ୍କୁଲ ଓ ଦୟାନନ୍ଦ ପବ୍ଲିକ ସ୍କୁଲ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ମାର୍ଚ୍ଚବ୍ୟାଣ୍ଡରେ ସର୍ବୋତ୍କୃଷ୍ଟ ପ୍ରଦର୍ଶନ କରି ଗୁରୁନାନକ ପବ୍ଲିକ ସ୍କୁଲ ପୁରସ୍କୃତ ହୋଇଥିଲେ। ସନ୍ଧ୍ୟାରେ ସଭାପତି ଅଶୋକ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ ପ୍ରଫେସର ପ୍ରଭାତ କୁମାର ମଲ୍ଲିକ ଯୋଗ ଦେଇଥିଲେ। ବୀର ସୁରେନ୍ଦ୍ର ତାଙ୍କ ୭୫ବର୍ଷର ଜୀବନକାଳରୁ ୩୭ବର୍ଷକାଳ ବନ୍ଦୀ ଭାବରେ ବିତେଇଛନ୍ତି, ଏଭିଳି ବ୍ୟକ୍ତି ଇତିହାସରେ ବିରଳ। ତାଙ୍କର ଯେଭଳି ଅସାଧାରଣ ସାଙ୍ଗଠନିକ ଦକ୍ଷତା ରହିଥିଲା ସୁଭାଷ ବୋଷଙ୍କ ମଧ୍ୟ ସେଭଳି ଦକ୍ଷତା ଥିବାରୁ ଦେଶ ବାହାରେ ମଧ୍ୟ ତାଙ୍କ ସଂଗଠନ କାର୍ଯ୍ୟକ୍ଷମ ରହିପାରିଥିଲା। ସୁଭାଷ ସାଲିସ ଜରିଆରେ ସ୍ୱାଧୀନତା ହାସଲର ସମର୍ଥକ ନଥିଲେ। ସୁଭାଷ ଓ ସୁରେନ୍ଦ୍ର ଉଭୟଙ୍କ ରଣନୀତି ସେମାନଙ୍କ ଜନ୍ମଦିନ ଭଳି ସମାନ ଥିଲା ଉଭୟଙ୍କ ମୃତ୍ୟୁ ନିଜ ସ୍ଥାନରେ ନହୋଇ ପ୍ରବାସରେ ହୋଇଛି ବୋଲି କହିଥିଲେ। ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର, ସମ୍ପାଦକ ଡ.ସିଦ୍ଧାର୍ଥ ପଣ୍ଡା, ଡ. ସତ୍ୟନାରାୟଣ ଠାକୁର, ସହସମ୍ପାଦକ ସବ୍ୟସାଚୀ ମିଶ୍ର ସଭା କାର୍ଯ୍ୟରେ ଦାୟିତ୍ୱ ତୁଲାଇଥିଲେ। ଦିଲୀପ କୁମାର ବଘାରଙ୍କ ସଂଯୋଜନାରେ ବୀର ସୁରେନ୍ଦ୍ର ସାଏଙ୍କ ଉପରେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସ୍ୱାଧୀନ ମେହେର, ଅନୁଷ୍କା ସାହୁ, ସୁପ୍ରିୟା ନନ୍ଦ, ଶ୍ରେୟାଂଶ ଷଡଙ୍ଗୀ, ପ୍ରାଂଶୁ ତ୍ରିପାଠୀ, ପ୍ରଜ୍ଞାରୂପା ବହିଦା, କୀର୍ତ୍ତିମୟୀ ବିଶ୍ୱାଳ, ନତାଶା ପ୍ରଧାନ, ସ୍ୱାତୀ ଶୁଭଦର୍ଶିନୀଙ୍କୁ ପୁରସ୍କୃତ କରାଯାଇଥିଲା। ଡ. ଅଶ୍ୱିନୀ ସୂପକାର, ଗଣେଶରାମ ନାହାକ, ଗାୟତ୍ରୀ ଆଚାରୀ, ରାମାନୁଜ ପଣ୍ଡା, ଡ.ଗୋବିନ୍ଦ ମହାରଣା, ଡ. ବଳଦେବ ଦଳେଇ, ମାହେଶ୍ୱରୀ ପ୍ରସାଦ ପାଣିଗ୍ରାହୀ ପ୍ରମୁଖ ବିଚାରକ ଦାୟିତ୍ୱ ତୁଲାଇଥିଲେ। ରାମଦାସ ପଣ୍ଡା, ଜଗବନ୍ଧୁ ବେହେରା, କୁମୁଦ ପ୍ରଧାନ ବିଚାରକ ଦାୟିତ୍ୱ ତୁଲାଇଥିଲେ। ଉପସଭାପତି ଶିବନାରାୟଣ ପାଣିଗ୍ରାହୀ ଓ ସୂର୍ଯ୍ୟ ପାଣିଗ୍ରାହୀ, ସଭ୍ୟ ବୋଧରାମ ଦାଶ, ଲଳିତ ବେବର୍ତ୍ତା, ପ୍ରଶାନ୍ତ ପାଟଯୋଶୀ, ଗୋପାଲ ଗୁପ୍ତା ପ୍ରମୁଖ କାର୍ଯକ୍ରମରେ ସହଯୋଗ କରିଥିଲେ।

## ବିଜୁ ଜନତା ଦଳର ପୁରୁଣା କର୍ମୀଙ୍କ ବୈଠକ

**ସମ୍ବଲପୁର, ୨୩।୧(ସମିସ):** ସମ୍ବଲପୁର ଠାରେ ବିଜୁ ଜନତା ଦଳର ପୁରୁଣା କର୍ମୀ ମାନଙ୍କ ଏକ ବୈଠକ ଗୋକୁଳ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ବୈଠକ ପ୍ରାରମ୍ଭରେ ଅନ୍ୟତମ ଆବାହକ ମହମ୍ମଦ ସନାଉଲ୍ଲା ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଉପସ୍ଥିତ ଥିବା ସମସ୍ତ



ସଭ୍ୟମାନେ ଆଲୋଚନାରେ ଭାଗନେଇ ନିଜର ସୁଚିନ୍ତିତ ମତାମତ ଦେଇଥିଲେ। ଆଗାମୀ ଦିନରେ ଦଳକୁ ମଜଭୁତ କରିବାକୁ ବୈଠକରେ ମତପ୍ରକାଶ ପାଇଥିଲା। ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ତପନ ଗୁରୁ, ମହମ୍ମଦ ଜାଫର ଖାଁ, ଆଶୁତୋଷ ପଣ୍ଡା, ଅଶୋକ ପଟେଲ, ରବିନନ୍ଦ, ବିଦେଶୀ ସାନବଡ, ଗୋପାଲ ପୃଷେଠ, ମହମ୍ମଦ ଅଜୀମ ଅଜ୍ଜୁ, ବିଜୟ ଅଜମେରୀୟା, ଅଶ୍ୱିନୀ ସାହୁ, ମହମ୍ମଦ ଇଶାକ, ପ୍ରହଲ୍ଲାଦ ଗୁରୁ, ଟି କେଶ୍ୱର ନାୟକ, ବାଲ୍ମୀକି ନାୟକ, ମହମ୍ମଦ ଅବୁ, ଗୋକୁଳ ମେହେର ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ମାଁ କାମାକ୍ଷାଙ୍କ ମନ୍ଦିରରୁ ଚୋରି

**ସମ୍ବଲପୁର, ୨୩।୧(ସମିସ):** ଅଇଁଠାପାଲି ଥାନା ଅନ୍ତର୍ଗତ ମାଁ କାମାକ୍ଷା ଦେବୀଙ୍କ ମନ୍ଦିରରୁ ବିଳମ୍ବିତ ରାତ୍ରିରେ ଚୋରି ହୋଇଥିବା ନେଇ ସୂଚନା ମିଳିଛି। ସୂଚନା ଅନୁସାରେ ମନ୍ଦିରରୁ ଚୋରି ହୋଇଥିବା ନେଇ ଆଜି ଭୋର୍ ସକାଳୁ ଜଣାପଡ଼ିବା ପରେ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଅନୁସାରେ ମାଁଙ୍କ ଅଳଙ୍କାର ଓ ଦାନହୁଣ୍ଡି ଭାଙ୍ଗି ଚୋରି ହୋଇଛି। ପୁଲିସ ତଦନ୍ତ କରୁଛି।

## ବିଜେଡିର ୱାର୍ଡସ୍ତରୀୟ ବୈଠକ
# 'ଏକାଠି ହୋଇ ଦଳକୁ ବିଜୟୀ କରିବା'

**ବୁର୍ଲା, ୨୩।୧(ସମିସ):** ବିଜୁ ଜନତା ଦଳ ଏସ୍‌ଏମ୍‌ସିର ୱାର୍ଡସ୍ତରୀୟ ସାଙ୍ଗଠନିକ ବୈଠକ ୱାର୍ଡ ନଂ ୪, ୫ ଓ ୭ରେ ଅନୁଷ୍ଠିତ ହୋଇଯାଇଛି। ବୁର୍ଲାର ବିକାଶ ତଥା ପ୍ରତି ୱାର୍ଡର ଅଗ୍ରଗତି ଦିଗରେ ମାନନୀୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପଦକ୍ଷେପ ଅତୁଳନୀୟ ବୋଲି



ସର୍ବସମ୍ମତି କ୍ରମେ ପ୍ରଶଂସା କରାଯାଇଥିଲା। ମହିଳା ମାନଙ୍କର ଉନ୍ନତି ତଥା ଯୁବକ, ଚାଷୀ, ଛାତ୍ର ସର୍ବୋପରି ସବୁବର୍ଗର ଲୋକମାନଙ୍କ ପ୍ରତି ନବୀନ ବାବୁଙ୍କ ଅବଦାନ ଓଡ଼ିଶା ପାଇଁ ଉନ୍ନତିର ଏକ ମାଇଲଖୁଣ୍ଟ ବୋଲି କର୍ମୀମାନେ ଉତ୍ସାହିତ ହୋଇ ନିଜ ନିଜର ବକ୍ତବ୍ୟ ଉପସ୍ଥାପିତ କରିଥିଲେ। ଜିଲ୍ଲା ଉପସଭାପତି ଦେବାଶିଷ ନନ୍ଦଙ୍କ ଦ୍ୱାରା ଆୟୋଜିତ ବୈଠକରେ ସମ୍ବଲପୁର ମହାନଗର ସଭାପତି ସତୀଶ ବିଶି ସଭାପତିତ୍ୱ କରିଥିବା ବେଳେ ପୂର୍ବତନ ବିଧାୟିକା ତଥା ସମାଜସେବୀ ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ, ଜିଲ୍ଲା ସଭାପତି ଇଂ ରୋହିତ ପୂଝାରୀ, ରାଜ୍ୟ ସାଧାରଣ ସମ୍ପାଦକ ଇଂ ସିଦ୍ଧାର୍ଥ ଦାସ, କେନ୍ଦୁପତ୍ର ନିଗମର ଉପଦେଷ୍ଟା ସଂଜିତ ମହାନ୍ତି, ଦଳର ପର୍ଯ୍ୟବେକ୍ଷକ ସୌଭାଗ୍ୟ ନାୟକ, ମୀନତି ଦେବତା, ସିପ୍ରା ମହାନ୍ତି, ବନ୍ଦିତା ରାଣୀ ମିଶ୍ର ଉପସ୍ଥିତ ଥିଲେ। ପୂର୍ବତନ ବିଧାୟିକା ଡାକ୍ତର ପାଣିଗ୍ରାହୀ ତାଙ୍କ ବକ୍ତବ୍ୟରେ କୌଣସି ମତଭେଦ ନ ରଖି ଦଳ ପାଇଁ କାମ କରିବା ପାଇଁ ଦଳୀୟ କର୍ମୀଙ୍କୁ ଅନୁରୋଧ କରିଥିଲେ। ଟିକେଟ୍ କିଏ ପାଇବ ନ ପାଇବ ତାହା ମାନ୍ୟବର ମୁଖ୍ୟମନ୍ତ୍ରୀ ଠିକ୍ ସମୟରେ ଉପଯୁକ୍ତ ପ୍ରାର୍ଥୀ ନାଁ ଘୋଷଣା କରିବେ। ଏବେ ତାହାର ସମୟ ଆସିନି ବୋଲି କହିଥିଲେ। ବୈଠକରେ ୪ନମ୍ବର ୱାର୍ଡରେ ଅଶୋକ ମହାକୁର, ୫ନଂ ୱାର୍ଡରେ କଳ୍ପନା ବେହେରା ଓ ୭ନଂ ୱାର୍ଡରେ ଦେବେନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସୁମନ୍ତ୍ର ପଣ୍ଡା, ତରଣୀସେନ ଚାନ୍ଦ, ରମାକାନ୍ତ ସାହୁ, ବିଭୀଷଣ ଭୀଷର, ଅନିତା ନାୟକ, କଳ୍ପନା ବେହେରା, ଶାନ୍ତିଲତା ସ୍ୱାଇଁ, ସୁକାନ୍ତି ବାରିକ, ହେମ ସୁନା, ସନ୍ଧ୍ୟା ପାଣିଗ୍ରାହୀ, ଲଳିତା ବାଗ, ଲେନୁ ପରିଡ଼ା, ଆରତୀ ରାଉତ, ଲୀନା ନାୟକ, ପଦ୍ମିନୀ ମହାରଣା, ଶଙ୍କର ପ୍ରସାଦ, ଶିବ ମହାନନ୍ଦ, ବାବୁଲି ପଲାଇ, ଶ୍ୟାମ, ଶୁଭମ ବେହେରା, ନଗି ମହାନନ୍ଦ, ସୂର୍ଯ୍ୟକାନ୍ତ ସ୍ୱାଇଁ, ଅଭିମନ୍ୟୁ ରାଉତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଆଭାସୀ କବିତା ପାଠୋତ୍ସବ

**ସମ୍ବଲପୁର, ୨୩।୧(ସମିସ):** ଓଡିଆ ମହିଳା ଲେଖିକା ପରିଷଦ ଅନୁକୂଲ୍ୟରେ ସଭାନେତ୍ରୀ ବିଶିଷ୍ଟ ଲେଖିକା ଅନୀତା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆଭାସୀ ମାଧ୍ୟମରେ ବହୁଭାଷୀ ଭକ୍ତିମୂଳକ କବିତା ପାଠୋତ୍ସବ ହୋଇଥିଲା। ଓଡ଼ିଶା ସମେତ କର୍ଣ୍ଣାଟକ ରାଜ୍ୟର ସାହିତ୍ୟପ୍ରେମୀ ଲେଖିକାମାନେ କବିତା ପାଠ କରିଥିଲେ। ଓଡ଼ିଶାରୁ ଗୁରୁକଲ୍ୟାଣ ମହାପାତ୍ର ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ଅଭିଭାଷଣ ଦେଇଥିଲେ। ସମ୍ବଲପୁରର ଡାକ୍ତର ଗୁଣ ସାଗର ଦାଶ ତାଙ୍କ କବିତା ସଙ୍କଳନ 'ଭୂମିରୁ ଭୂମାକୁରୁ ସ୍ରଷ୍ଟାଙ୍କୁ ମୁଁ ଦେଖିଛି' ଓ କବିୟିତ୍ରୀ ପଙ୍କଜୀନି ନାୟକଙ୍କ 'ଯଦି ମୁଁ ଫୁଲଟିଏ ହୋଇଥାନ୍ତି' କବିତା ପାଠ କରିଥିଲେ। ପରିଷଦ ପକ୍ଷରୁ ନିବେଦିତା ଉତ୍ସବକୁ ପରିଚାଳନା କରିଥିଲେ।

## ଅସହାୟଙ୍କୁ ସହାୟତା କଲେ ବିଜେଡି କର୍ମୀ

**ସମ୍ବଲପୁର, ୨୩।୧(ସମିସ):** ସମ୍ବଲପୁର ମହାନଗର ୱାର୍ଡ ନଂ.୧୪ ଲକ୍ଷ୍ମୀଡୁଙ୍ଗୁରୀପଡ଼ାରେ କ୍ୟାନ୍ସର ରୋଗରେ ପୀଡିତ ଅସହାୟ ସାଗର ପ୍ରଧାନ ବୟସ (୩୩)ଙ୍କୁ ସହାୟତାର ହାତ ବଢ଼ାଇଛନ୍ତି ବିଜେଡ଼ି କର୍ମୀ। ସେ ପତ୍ନୀ ଦୁଇ ଛୋଟଛୁଆ ଓ ବାପାଙ୍କ ସହିତ ବହୁତ ଦୁଃଖରେ ଜୀବନ ଯାପନ କରୁଛନ୍ତି। ରାଜ୍ୟ ସରକାରଙ୍କୁ ଅଶେଷ ଧନ୍ୟବାଦ ଗରିବଙ୍କ ପାଇଁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କରିଛନ୍ତି। ଏହି ଯୋଜନା ଅନ୍ତର୍ଗତ ସାଗର ଚିକିତ୍ସା ପାଉଛନ୍ତି। ସମାଜସେବୀ ତଥା ବିଜେଡି ନେତା ହରଦୀପ ସିଂହ ଭୂର୍ଜି (ବବି ଭାଇ) ନିତ୍ୟ ବ୍ୟବହାର ରାସନ ସାମଗ୍ରୀ, କିଛି ଅର୍ଥରାଶି ସହଯୋଗ କରି ଛୁଆମାନଙ୍କର ପାଠପଢ଼ା ସହ ସବୁ ପ୍ରକାର ସହଯୋଗ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ଆଇନଜୀବୀ ସବିନୟ ପୂଜାରୀ, ସଞ୍ଜିବ ପଟ୍ଟନାୟକ, ସଭ୍ୟ ଅଜୟ ପାଢ଼ୀ, ନବୀନ ପଣ୍ଡା, ହରିହର ପାଣି, ହରେକୃଷ୍ଣ ସରାଫ, ସୋନୁ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

# ବିଭିନ୍ନ ସ୍ଥାନରେ ନେତାଜୀ ଓ ବୀର ସୁରେନ୍ଦ୍ର ସାଏ ଜୟନ୍ତୀ








**ସମ୍ବଲପୁର, ୨୩।୧(ସମିସ):** ସମ୍ବଲପୁର ମହାନଗର ନିଗମ ବିଜେଡି ପକ୍ଷରୁ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ମହାନଗର ନିଗମ ବିଜେଡି ସଭାପତି ସତୀଶ ବିଶିଙ୍କ ନେତୃତ୍ୱରେ କର୍ମୀମାନେ ସ୍ଥାନୀୟ ଜେଲଛକ ସ୍ଥିତ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ରେଢ଼ାଖୋଲ ବିଧାୟକ ତଥା ବିଜେଡି ଜିଲ୍ଲା ସଭାପତି ଇଂ. ରୋହିତ ପୂଜାରୀ, ରାଜ୍ୟ ସାଧାରଣ ସମ୍ପାଦକ ଇଂ ସିଦ୍ଧାର୍ଥ ଦାସ, ପର୍ଯ୍ୟବେକ୍ଷକ ସୌଭାଗ୍ୟ ନାୟକ, ବିଜେଡି ପ୍ରବକ୍ତା ସଞ୍ଜୟ ବାବୁ, ଜିଲ୍ଲା ଉପ ସଭାପତି ସୁମନ୍ତ ପଣ୍ଡା, ଅଶୋକ ମହାକୁଡ଼, ଜିଲ୍ଲା ମହିଳା ବିଜେଡି ସଭାପତି ବନ୍ଦିତା ରାଣୀ ମିଶ୍ର, ମହିଳା ମହାନଗର ନିଗମ ସଭାପତି ଡ଼. ସଂଯୁକ୍ତା ମେହେର, ମହିଳା ନେତ୍ରୀ ଉଷା ପ୍ରଧାନ, ସିପ୍ରା ମହାନ୍ତି, ସୁରେଖା ସାହୁ, ରାଖୀ ମୁଣ୍ଡା, ନିଶାନ୍ତ ବହିଦାର, କୁନୁ ମେହେର, ସୁଦୀପ୍ତ ମୁଖାର୍ଜୀ, ସୁନିଲ ମେହେର, ପ୍ରଦ୍ୟୋଷ ମହାନ୍ତି, ପ୍ରଶାନ୍ତ ନାୟକ, ଅଶ୍ୱିନୀ ପାଢ଼ୀ, ଦୀପେନ୍ଦ୍ର ପଟେଲ ଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଏହି ଜୟନ୍ତୀ ପାଳନରେ ସାମିଲ ହୋଇଥିଲେ। ଏହି ଅବସରରେ ସୁରେନ୍ଦ୍ର ସାଏ ଏବଂ ସୁଭାଷ ବୋଷ ଙ୍କ ସଂଗ୍ରାମ, ସଂଘର୍ଷ, ତ୍ୟାଗ ଓ ବଳିଦାନର ସ୍ମୃତିଚାରଣ କରିବା ସହ ତାଙ୍କ ଆଦର୍ଶ ଆମ ସମସ୍ତଙ୍କୁ ପ୍ରେରିତ କରିଆସୁଥିବା ପୂର୍ବତନ ବିଧାୟିକା ଡ଼. ରାସେଶ୍ୱରୀ ପାଣିଗ୍ରାହୀ ପ୍ରକାଶ କରିଛନ୍ତି।

**ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ:** ପିଏମ୍ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନଂ.୨ ବୁର୍ଲା ସମ୍ବଲପୁରରେ ପରାକ୍ରମ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏମ୍‌ଡି ସାହୁ ଅବସରପ୍ରାପ୍ତ ସହାୟକ ଆୟୁକ୍ତ କେଭିଏସ୍, ରାମ ନରେଶ ମହାଲିଙ୍ଗ ପ୍ରଫେସର ସମ୍ବଲପୁର ବିଶ୍ୱବିଦ୍ୟାଳୟ ଏବଂ ଶଶୀଧର ପତି ଚିତ୍ରକଳା ଶିକ୍ଷକ ଡିଏଭି ଯୋଗଦେଇ ସଫଳ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷିକା ସୁସ୍ମିତା ପ୍ରଧାନ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଛାତ୍ରଛାତ୍ରୀ ମାନଙ୍କୁ ସ୍ୱାଗତ କରିଥିଲେ। ବିଦ୍ୟାଳୟର କଳା ଶିକ୍ଷକ ସରୋଜ କୁମାର ଦଳାଇ ଏବଂ ଅନ୍ୟ ଶିକ୍ଷକ ଓ ଶିକ୍ଷୟିତ୍ରୀ ଚିତ୍ରକଳା ପ୍ରତିଯୋଗିତାରେ ସହଯୋଗ କରିଥିଲେ। ଏହି ପ୍ରତିଯୋଗିତାରେ ନଅଟି ବିଦ୍ୟାଳୟରୁ ଶହେଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। କେଭିଏସ୍ ରୁ ୫୯ଜଣ, ଜେଏନ୍‌ଭିରୁ ୯ଜଣ, ସରକାରୀ ବିଦ୍ୟାଳୟ ଗୁଡ଼ିକରୁ ୧୭ଜଣ ଏବଂ ଅନ୍ୟ ସିବିଏସ୍‌ଇ ବିଦ୍ୟାଳୟରୁ ୧୫ଜଣ ଛାତ୍ରଛାତ୍ରୀ ଚନ୍ଦ୍ରୟାନ, ବିକାଶିତ ଭାରତ, ପରାକ୍ରମ ଦିବସ, ଏକ୍ଟମ ୱାରିୟର ଇତ୍ୟାଦି ବିଷୟରେ ଚିତ୍ରାଙ୍କନ କରିଥିଲେ। ସଫଳ ଛାତ୍ରଛାତ୍ରୀ ମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ରାଷ୍ଟ୍ରୀୟ ନାୟକଙ୍କ ପୁସ୍ତକ ଦେଇ ପୁରସ୍କୃତ କରାଯାଇଥିଲା। ସମସ୍ତ କର୍ମକର୍ତ୍ତା, କର୍ମଚାରୀ ଏବଂ ଛାତ୍ରଛାତ୍ରୀ ମାନଙ୍କର ମିଳିତ ସହଯୋଗରେ ପରାକ୍ରମ ଦିବସ ସୂଚାରୁ ରୂପେ ପାଳିତ ହୋଇଥିଲା।

**ପ୍ରୋଗ୍ରେସିଭ ସମ୍ବଲପୁର ଏବଂ ସ୍ୱାଧୀନତା ସଂଗ୍ରାମୀ ସ୍ମୃତି କମିଟି:** ପ୍ରୋଗ୍ରେସିଭ ସମ୍ବଲପୁର ଏବଂ ସ୍ୱାଧୀନତା ସଂଗ୍ରାମୀ ସ୍ମୃତି କମିଟି ପକ୍ଷରୁ ଆଜି ଜେଲ୍ ଛକ ନିକଟସ୍ଥ ସୁରେନ୍ଦ୍ର ସାଏ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ମଶାଲ ଶୋଭାଯାତ୍ରା କରାଯାଇଥିଲା।







ପ୍ରୋଗ୍ରେସିଭ ସମ୍ବଲପୁର ଆବାହକ ସଂଜିତ ମହାନ୍ତିଙ୍କ ନେତୃତ୍ୱରେ ବୀର ସୁରେନ୍ଦ୍ର ସାଏ ଏବଂ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମ ଜୟନ୍ତୀ ଉପଲକ୍ଷ୍ୟେ ମଶାଲ ଯାତ୍ରା-୨୦୨୪ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ଏସ୍‌ଡିଏ ଅଧ୍ୟକ୍ଷ ବିଜୟ ମହାନ୍ତି, ଶ୍ରମିକ ନେତା ଗୋକୁଳ ମେହେର, ବିଜେଡି ଜିଲ୍ଲା ଉପଦେଷ୍ଟା ରାଜ କିଶୋର ଦାସ, ବରିଷ୍ଠ ସାମ୍ବାଦିକ ରାଜାରାମ ପାଢ଼ୀ, କୃଷକ ନେତା ସରୋଜ, ଉତ୍କଳ ବିଶ୍ୱବିଦ୍ୟାଳୟ ପୂର୍ବତନ ସଭାପତି ରାଜେଶ୍ ରାଜ ସ୍ୱାଇଁ, ଛାତ୍ର ବିଜେଡି ଜୋନ ସଭାପତି ମିଳନ ହୋତା, ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ଧିରେନ ଦେବତା, ଜିଲ୍ଲା ସମ୍ପାଦକ ଜୟନ୍ତ ପଟ୍ଟନାୟକ, ଛାତ୍ର ନେତା ଚୁମନ ପ୍ରଧାନ, ସ୍ୱାସ୍ଥ୍ୟ କର୍ମୀ ସଂଘ ଉପ ସଭାପତି ସରୋଜ ଧଲ, ପି କେ ଏକାଡେମୀ ନିର୍ଦ୍ଦେଶକ ପ୍ରକାଶ ଡାଙ୍ଗ, ଯୁବ ନେତା ପ୍ରଶାନ୍ତ ଥାପା, ସୁମିତ ପଟେଲ, ଦେବ ଜ୍ୟୋତି ପଟ୍ଟନାୟକ, ଜଗା ସେଠି, ବିଷ୍ଣୁ ମହାନ୍ତି, କୈଳାସ ପ୍ରଧାନ, ଅନୁଜ ଛତ୍ରିଆ, ଶୁଭମ୍ ମହାନ୍ତି, ଅର୍ୟନ୍ ବହିଦାର, ସପନ ହୋତା, ବିଦେଶୀ ସାନ ବଡ଼, ହିଣ୍ଡାଲକୋ ଶ୍ରମିକ ସଂଘ ସମ୍ପାଦକ ଶ୍ରୀକାନ୍ତ ପ୍ରଧାନ, ବାଲ୍ମୀକି ନାୟକ, ଧିରଜ ଯାଦବ, ଅଜୟ ବାଗ, ଆଦିତ୍ୟ ପ୍ରଧାନ, ସାଜିଦ୍ ହୁସେନ, ତପନ ପ୍ରଧାନ, ଆଦେଶ ସାହୁ, ପ୍ରୟାସ ନାଥ, ସନ୍ଧ୍ୟାରକ୍ଷଣି ପାଢ଼ୀ, ସୁପ୍ରିୟା ଅଦାବର, ବିଦୁସ୍ମିତା ଭୋଇ, ପାୟଲ ବେହେରା, ସୁଧାଂଶୁ ମହାନ୍ତି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

**ଏବିସିଡି ଚାରିଟେବୁଲ ଟ୍ରଷ୍ଟ:** ଏବିସିଡି ଚାରିଟେବୁଲ ଟ୍ରଷ୍ଟ ଠାରେ ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ସୂର୍ଯ୍ୟ ପାଣିଗ୍ରାହୀ ଯୋଗଦେଇ ବୀର ସୁରେନ୍ଦ୍ର ସାଏ ଓ ନେତାଜୀଙ୍କ ଜୀବନୀ ବିଷୟରେ ଛାତ୍ରଛାତ୍ରୀ ମାନଙ୍କୁ ଅବଗତ କରାଇଲେ। ସୁନୀଲ ସାଗର ଅତିଥି ପରିଚୟ ରଖିଥିବା ବେଳେ ଟ୍ରଷ୍ଟର ସଭାପତି ରାଜେନ୍ଦ୍ର ଶତନାମୀ ଧନ୍ୟବାଦ ଦେଇଥିଲେ।

**ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟ:** ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁମିତା ପତ୍ରୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବକ୍ତୃତା, ସ୍ଲୋଗାନ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ଛାତ୍ରଛାତ୍ରୀ ପ୍ରାରମ୍ଭିକ ସଙ୍ଗୀତ ଗାନ ସହ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଆରମ୍ଭ କରିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ହରି ନାରାୟଣ ପଣ୍ଡା ପରିଚାଳନା କରିଥିବା ବେଳେ ହିନ୍ଦୀ ଶିକ୍ଷୟିତ୍ରୀ ପଙ୍କଜିନୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ସାହୁ, ସୁଧାମୟୀ ପ୍ରଧାନ ଓ ଅନୁବିନ୍ଦା ଦାଶ ତଥା ଅନ୍ୟମାନେ ମଞ୍ଚାସୀନ ଥିଲେ।

**ହୀରାକୁଦ ଶିଶୁ ମନ୍ଦିର:** ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ନେତାଜୀ ଓ ସୁରେନ୍ଦ୍ର ସାଏ ଜୟନ୍ତୀ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ପ୍ରତାପ କୁମାର ନାୟକ ସ୍ୱାଗତ ଭାଷଣ ସହିତ ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓଡ଼ିଆ ମାଟିର ଗୌରବ ବୋଲି ତାଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ। ଗୁରୁଜୀ ବିଶ୍ୱନାଥ ମିଶ୍ର ସୁରେନ୍ଦ୍ର ସାଏ ଓ ସୁଭାଷ ବୋଷଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଗୁରୁଜୀ ବୀରେନ୍ଦ୍ର ପାଣିଗ୍ରାହୀ ଧନ୍ୟବାଦ୍ ଅର୍ପଣ କରିଥିଲେ। ଗୁରୁଜୀ ରାଜେନ୍ଦ୍ର ମଟାରି ବୌଦ୍ଧିକ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ବିଦ୍ୟାଳୟର ଉପସଭାପତି ହେମନ୍ତ କୁମାର ପଟେଲଙ୍କ ଅଧ୍ୟକ୍ଷତାରେ ପୂର୍ବଛାତ୍ର ଦିବସ ପାଳିତ ହୋଇଥିଲା। ପ୍ରଧାନ ଆଚାର୍ଯ୍ୟ ଅତିଥି ପରିଚୟ, ପୂର୍ବଛାତ୍ର ଦିବସର ଉଦ୍ଦେଶ୍ୟ ଏବଂ ପୂର୍ବଛାତ୍ରଛାତ୍ରୀ ମାନଙ୍କ ବିଦ୍ୟାଳୟ ପ୍ରତି କର୍ତ୍ତବ୍ୟ ଉପରେ ମାର୍ଗଦର୍ଶନ ଦେଇଥିଲେ। ବିଦ୍ୟାଳୟର ସହ ପୂର୍ବ ଛାତ୍ର ପ୍ରମୁଖ ଆଚାର୍ଯ୍ୟା ମିନା ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

